**ବିଦ୍ୟୁତ ଆଘାତରେ ଯୁବକ ମୃତ**

ସୋର,(ଜନ୍ମେଜୟ ମିଶ୍ର): ସୋର ବ୍ଲକ ପାଖର ପଞ୍ଚାୟତ ଚକପଦା ଗ୍ରାମର ଉମାଶଙ୍କର ବାରିକ (୩୦) ନାମକ ଯୁବକ ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଛନ୍ତି। ସେ ଶୁକ୍ରବାର ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କ ଘରେ ବିଦ୍ୟୁତ କାମ କରୁଥିବା ବେଳେ ବିଦ୍ୟୁତ ଆଘାତର ଶିକାର ହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣି ଚିକିତ୍ସା କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିବା ସହ ତଦନ୍ତ ଆରମ୍ଭ କରିଛି।



## ସଂକ୍ଷେପରେ

### ମଦ ବ୍ୟବସାୟୀଙ୍କ କାର୍ଯ୍ୟାଳୟରେ ଚଢାଉ

**ଖାଲି ହାତରେ ଫେରିଲା ଅବକାରୀ ବିଭାଗ**

ଜଳେଶ୍ୱର, ୫।୪(ରବିନାରାୟଣ ପାତ୍ର)– ଜଳେଶ୍ୱର ଷ୍ଟେଶନ ବଜାରସ୍ଥିତ ଜଣେ ମଦ ବ୍ୟବସାୟୀଙ୍କ କାର୍ଯ୍ୟାଳୟ ଉପରେ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଚଢାଉ କରାଯାଇଥିଲା। ଆଗକୁ ନିର୍ବାଚନ ଥିବାରୁ ଏପରି ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଥିବା କୁହାଯାଇଛି। ହେଲେ ଅବକାରୀ ବିଭାଗ ସେପରି କୌଣସି ଠୋସ୍ ପ୍ରମାଣ ପାଇ ନ ଥିବା ବେଳେ କେତେକ କାଗଜପତ୍ର ଯାଞ୍ଚ ଲାଗି ନେଇଯାଇଥିବା ଜଣାଯାଇଛି। ଜଣେ ବ୍ୟବସାୟୀ ଓ ପରିବାରବର୍ଗ ଘରେ ଥିବା କାର୍ଯ୍ୟାଳୟରେ ନ ଥିବା ବେଳେ ଏପରି ଚଢାଉ ପଛର କାରଣ ସମସ୍ତଙ୍କୁ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଚଢାଉରେ ଅବକାରୀ ସାଟେଲାଇଟ ଟିମ୍ ଓ ଜଳେଶ୍ୱର ଅବକାରୀ ବିଭାଗ ସାମିଲ ଥିଲେ।

### ଓଲିନ୍ଦା ରେଳଫାଟକରୁ ମୃତଦେହ ଜବତ

ଜଳେଶ୍ୱର, ୫।୪(ରବିନାରାୟଣ ପାତ୍ର)– ଜଳେଶ୍ୱରସ୍ଥିତ ଓଲିନ୍ଦା ରେଳଫାଟକ ନିକଟରୁ ଏକ ମୃତଦେହ ରେଳବାଇ ପୋଲିସ ଜବତ କରିଛି। କୌଣସି ଏକ ଦ୍ରୁତଗାମୀ ଟ୍ରେନ୍‌ରୁ ମୃତଦେହ ଖସିପଡିଥିବା ଅନୁମାନ କରାଯାଉଛି। ପଶ୍ଚିମବଙ୍ଗର ହୁଗୁଳି ଜିଲା ଅଧୀନ କୋଲକାତାର ବାରାନଗର ଷ୍ଟ୍ରିଟର ତୁଷାର ଚାଟାର୍ଜୀଙ୍କ ପୁତ୍ର ଆନନ୍ଦ ଚାଟାର୍ଜୀ (୩୫) ବୋଲି ପ୍ୟାଣ୍ଟ ପକେଟରେ ଥିବା ଆଧାରକାର୍ଡରୁ ପରିଚୟ ମିଳିଛି। ରେଳବାଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ବ୍ୟବଚ୍ଛେଦ ଲାଗି ମୃତଦେହକୁ ଜିକେଭଟ୍ଟର ହସ୍‌ପିଟାଲ ନିଆଯାଇଛି। ପୋଲସ ଫୋନ ଯୋଗେ ତାଙ୍କ ପରିବାରକୁ ଜଣାଇଛି। ମୃତଦେହ ନେବାଲାଗି ତାଙ୍କ ସାନଭାଇ ଆସୁଥିବା ଜଣାଯାଇଛି ।

### କବାଟବନ୍ଧ ପଡି ଶିଶୁ ଗୁରୁତର



ଖଇରା, ୫।୪(ଉତ୍କଳବନ୍ଧୁ ପଣ୍ଡା)– ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସୁନ୍ଦୁପର ଗ୍ରାମରେ କବାଟ ବନ୍ଧ ପଡି ଗୌତମ ପାତ୍ରଙ୍କ ୩ବର୍ଷର ଝିଅ ଗୁରୁତର ଆହତ ହେବା ପରେ ସଙ୍କଟାପନ୍ନ ଅବସ୍ଥାରେ କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଆର୍ଥିକ ଦୁରାବସ୍ଥା ତାଙ୍କ ଚିକିତ୍ସାରେ ବାଧକ ସୃଷ୍ଟି କରିଛି। ଏଭଳି ମୁହୂର୍ତ୍ତରେ ଦେବଦୂତ ଭଳି ସହାୟତାର ହାତ ବଢାଇଛି ଆୟୁଷ୍ମାନ ଫାଉଣ୍ଡେଶନ। ସଙ୍ଗଠନ ସଂସ୍ଥାପକ ଶ୍ରୀମନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ସଭ୍ୟମାନେ ବିଭିନ୍ନ ହ୍ୱାଟ୍ସଆପ ଗ୍ରୁପରେ ନିବେଦନ କରି ୧୫ହଜାର ଟଙ୍କା ଆଦାୟ କରି ଅସ୍ତ୍ରୋପଚାର ପାଇଁ ପରିବାର ଲୋକଙ୍କୁ ପ୍ରଦାନ କରିଛନ୍ତି ।

# ଫିକ୍ସ ମାରିବାକୁ କହି ଲକ୍ଷାଧିକ ଟଙ୍କା ହଡ଼ପ

ନୀଳଗିରି, ୫।୪(ପ୍ରଶାନ୍ତ ବିଶ୍ୱାଳ)



ନୀଳଗିରି ଥାନା ସମ୍ମୁଖରେ ଜମାକାରୀ।

କିଓସ୍କୋ ବ୍ୟାଙ୍କର ପରିଚାଳକ ଫିକ୍ସ ମାରିବାକୁ କହି ଲକ୍ଷାଧିକ ଟଙ୍କା ହଡ଼ପ ହୋଇଛି। ଜମାକାରୀମାନେ ଟଙ୍କା ଉଠାଇବା ପାଇଁ କହିବାରୁ କିଓସ୍କୋ ବ୍ୟାଙ୍କ ମ୍ୟାନେଜର ଫେରାର ହୋଇଯାଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ନୀଳଗିରି ବ୍ଲକ ସଜନାଗଡ଼ ବଜାରରେ ଖୋଲାଯାଇଥିବା କିଓସ୍କୋ ବ୍ୟାଙ୍କରେ।

ଉକ୍ତ କିଓସ୍କୋ ବ୍ୟାଙ୍କର ମ୍ୟାନେଜର ହେଲେ ଜାମୁଡ଼ିହା ପଞ୍ଚାୟତ ଖରଡ଼ିଆ ଗ୍ରାମର ବସନ୍ତ ସ୍ୱାଇଁ। ସଜନାଗଡ଼ ଗ୍ରାମର ଉଷାମଣୀ ବିଶ୍ୱାଳ ୨୫ ହଜାର, ଲିଲି ଖଣ୍ଡେଇ ୫୦ ହଜାର, ନାରଣ ମଢ଼େଇ ୯୦ ହଜାର, ଚମ୍ପାମଣୀ ଖାଲପାଳିଆ ୧ଲକ୍ଷ, ସରୋଜ ଖାଲପାଳିଆ ୭୫ ହଜାର, ରାବଣଶ୍ୱର ବିଶ୍ୱାଳ ୨୫ହଜାର, ସୁମତୀ ବିଶ୍ୱାଳ ୧୦ହଜାର, ସରସ୍ୱତୀ ହାଁସଦା ୧ଲକ୍ଷ ୫୦ହଜାର, ଲକ୍ଷ୍ମୀଧର ହାଁସଦା ୫୦ହଜାର, ସେବତୀ ମାଝି ୫୦ହଜାର ଲେଖାଏଁ ଟଙ୍କା ଦୈନିକ ମଜୁରିରୁ ସଞ୍ଚୟ କରି ସଜନାଗଡସ୍ଥିତ କିଓସ୍କୋ ବ୍ୟାଙ୍କରେ ରଖିଥିଲେ। ଉକ୍ତ ବ୍ୟାଙ୍କର ମ୍ୟାନେଜର ସ୍ୱାଇଁ ଜମାକାରୀମାନଙ୍କୁ ଉକ୍ତ ଟଙ୍କାକୁ ଫିକ୍ସ ମାରିବା ପାଇଁ କହିବା ସହ ତା' ଦ୍ୱାରା ଅଧିକ ଟଙ୍କା ପାଇବେ ବୋଲି ପ୍ରଲୋଭିତ କରିଥିଲେ। ଉକ୍ତ ଟଙ୍କାକୁ ବ୍ୟାଙ୍କରେ ଫିକ୍ସ ମାରିବାକୁ କହି ମ୍ୟାନେଜର ସ୍ୱାଇଁ ଉକ୍ତ ଟଙ୍କାକୁ ମୋଲ ଗ୍ରୁପ ନାମକ ଏକ ଚିଟ୍‌ଫଣ୍ଡ ସଂସ୍ଥାର ସେୟାର ମାର୍କେଟରେ ଲଗାଇଥିଲେ। ଜମାକାରୀମାନେ ଟଙ୍କା ଉଠାଇବା ପାଇଁ କହିବାରୁ ସେ କୌଣସି ଟଙ୍କା ଫେରାଇପାରିଲେ ନାହିଁ। ଲୋକଙ୍କ ଆକ୍ରୋଶ ବଢ଼ିବାରୁ ରାତାରାତି ବ୍ୟାଙ୍କକୁ ଉଠାଇ ନେଇ ଫେରାର ହୋଇଯାଇଛନ୍ତି। ଫଳରେ ଜମାକାରୀମାନେ ନୀଳଗିରି ଥାନାର ଦ୍ୱାରସ୍ଥ ହେବା ସହ ଯଦି ତୁରନ୍ତ ସମାଧାନ ନ ହେଲେ ଥାନା ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଦାଣ୍ଡି ଗାଁରେ ହରିଣକୁ ଧରିଲେ ଗ୍ରାମବାସୀ

ରୂପସା(ବାଞ୍ଛାନିଧି ଦେ)/ ବାଲିଆପାଳ(ଅମୂଲ୍ୟ କୁମାର ଦାସ)/ବସ୍ତା(ହରିଶଙ୍କର ପାଢ଼ୀ), ୫।୪

**ଭ୍ୟାନରେ ହରିଣକୁ ନେଲା ବନ ବିଭାଗ**



ଉଦ୍ଧାର ହରିଣକୁ ଗ୍ରାମବାସୀ ପାଣି ପିଆଉଛନ୍ତି।

ବାଲେଶ୍ୱର ଜିଲା ବସ୍ତା ଥାନା ମୁକୁଲିସି ପଞ୍ଚାୟତ ଅଧୀନ ଦାଣ୍ଡି ଗ୍ରାମରୁ ଶୁକ୍ରବାର ଏକ ହରିଣକୁ ଗ୍ରାମବାସୀ କାବୁ କରିଛନ୍ତି। ଦ୍ୱିପ୍ରହର ସମୟରେ ଗାଁ ପାଖ ଚାଷ ଜମିରେ ହରିଣଟି ବୁଲୁଥିବା ଦେଖି ଗ୍ରାମବାସୀ ଧରିବା ପାଇଁ ଚେଷ୍ଟା କରିଥିଲେ। ହରିଣଟି ଦୌଡ଼ି ପଳାଉଥିବା ବେଳେ ରବି ଧାନ ହୋଇଥିବା ଚାଷ ଜମିକୁ ଘେରାଯାଇଥିବା ଜାଲରେ ଛନ୍ଦି ଯାଇଥିଲା। ଏହା ପରେ ଗ୍ରାମବାସୀ ହରିଣକୁ କାବୁ କରି ବାନ୍ଧି ଦେଇଥିଲେ। ହରିଣଟିର ଓଜନ ୬୦ କି.ଗ୍ରା. ହେବ। ଏ ସମ୍ପର୍କରେ ସଙ୍ଗେ ସଙ୍ଗେ ବନବିଭାଗକୁ ଖବର ଦିଆଯାଇଥିଲା। ଲଙ୍ଗଳେଶ୍ୱର ବନବିଭାଗ ଅଧିକାରୀ ଓ କର୍ମଚାରୀ ପହଞ୍ଚି ହରିଣକୁ ଏକ ପିକଅପ୍ ଭ୍ୟାନ୍‌ରେ ନେଇଯାଇଥିଲେ। ତେବେ ବନବିଭାଗ ବନ୍ୟପ୍ରାଣୀଙ୍କୁ ସୁରକ୍ଷିତ ଭାବେ ନେବା ପାଇଁ ପିଞ୍ଜରା ଆଦିର ବ୍ୟବସ୍ଥା ରହିଥିବା ବେଳେ ଏହି ହରିଣଟିକୁ ଖୋଲା ପିକଅପ୍‌ରେ ଅସୁରକ୍ଷିତ ଭାବେ ବାନ୍ଧି ନିଜ ହେପାଜତକୁ ନେବା ହରିଣର ଜୀବନ ପ୍ରତି ବିପଦ ଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଗତ କିଛି ଦିନ ପୂର୍ବରୁ ବସ୍ତା ନଳବାହାର ନିକଟ ଜଳକା ନଦୀରୁ ଏକ ଡଲଫିନ ସ୍ଥାନୀୟ ଲୋକେ ଉଦ୍ଧାର କରି ଗାଁ ପୋଖରୀରେ ରଖିଥିଲେ। ବନ ବିଭାଗର ଦାୟିତ୍ୱହୀନତା ଯୋଗୁ ପୋଖରୀରୁ ଉଦ୍ଧାର ଡଲଫିନର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ତେବେ ଦାଣ୍ଡି ଗ୍ରାମ ଠାରୁ ୩୦ କି.ମି.ରୁ ଅଧିକ ଦୂରରେ ଜଙ୍ଗଲ ରହିଛି। ଏଥିସହ ରେଳପଥ ଏବଂ ୬୦ ନଂ. ଜାତୀୟ ରାଜପଥ ରହିଥିବା ବେଳେ ଏଠାକୁ କିପରି ଏତେ ବଡ଼ ହରିଣ ଆସିଲା କି କେହି ଜଙ୍ଗଲରୁ ଧରି ନେଉଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବନବିଭାଗ ପକ୍ଷରୁ ତଦନ୍ତ ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ।

# ସିମୁଳିଆ ନିର୍ବାଚନମଣ୍ଡଳୀର ବିକାଶ ପଦ୍ମଲୋଚନଙ୍କ ସ୍ୱପ୍ନ



ଦଳୀୟ କର୍ମକର୍ତ୍ତାଙ୍କ ସହିତ ପଦ୍ମଲୋଚନ ପଣ୍ଡା।

ସିମୁଳିଆ,୫।୪(ସନ୍ତୋଷ ନାୟକ)

୨୦୨୪ ନିର୍ବାଚନ ପାଇଁ ଭାଜପା ପକ୍ଷରୁ ସିମୁଳିଆ ନିର୍ବାଚନ ମଣ୍ଡଳୀ ପାଇଁ ପଦ୍ମଲୋଚନ ପଣ୍ଡାଙ୍କୁ ବିଧାୟକ ପ୍ରାର୍ଥୀ ଟିକେଟ ମିଳିଛି। ଶୁକ୍ରବାର ମଧ୍ୟାହ୍ନରେ ସିମୁଳିଆ ବ୍ଲକର ସଦରମହକୁମା ମାର୍କୋଣାରେ ଥିବା ମା'କଲ୍ୟାଣୀ ମଣ୍ଡପରେ ପଦ୍ମଲୋଚନ ନିଜର ସମର୍ଥକମାନଙ୍କୁ ନେଇ ଖବରଦାତା ସମ୍ମିଳନୀ ଆୟୋଜନ କରିଥିଲେ। ସିମୁଳିଆ ନିର୍ବାଚନ ମଣ୍ଡଳୀର ବିକାଶ ତାଙ୍କ ସ୍ୱପ୍ନ ବୋଲି କହିଥିଲେ।

ମାର୍କୋଣା ମଣ୍ଡଳ ସଭାପତି ଅବିନାଶ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ପଦ୍ମଲୋଚନ ଗତ ୧୫ବର୍ଷ ମଧ୍ୟରେ ସିମୁଳିଆ ଖଇରା ନିର୍ବାଚନ ମଣ୍ଡଳୀରେ କୌଣସି ବିକାଶ ହୋଇ ନ ଥିବା କହିବା ସହିତ ଏହା ତାଙ୍କର ଶେଷ ନିର୍ବାଚନ ବୋଲି ଘୋଷଣା କରିଥିଲେ। ଏଥିର ସେ ଜିତିଲେ ସିମୁଳିଆର କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ସହିତ ଦମକଳ କେନ୍ଦ୍ର ସ୍ଥାପନା ପାଇଁ ଗୁରୁତ୍ୱ ଦେବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିଖଣ୍ଡ ମଣ୍ଡଳ କାର୍ଯ୍ୟକାରୀ ସଭାପତି ଉତ୍ତମ କୁମାର ମହାନ୍ତି, ସଂଯୋଜକ ନୀରାକାର ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ମହାପାତ୍ର, ଜିଲା ସମ୍ପାଦିକା ଭାରତୀ ମଲିକ, ବରିଷ୍ଠ କାର୍ଯ୍ୟକର୍ତ୍ତା ଦିଲୀପ କୁମାର ଗିରି, ଯୁବମୋର୍ଚ୍ଚା ଉପସଭାପତି ଅକ୍ଷୟ କୁମାର ବିଶ୍ୱାଳ, ଖଇରା ବ୍ଲକ କୁପାରୀ ମଣ୍ଡଳ ସଭାପତି କୁନି କର, ସମିତି ସଭ୍ୟ ଅକ୍ଷୟ ଜେନା ପ୍ରମୁଖ ଯୋଗଦେଇ ମୋଦି ସରକାରଙ୍କ ଲୋକପ୍ରିୟତା ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଦୋଷ ଦୁର୍ବଳତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

ପଦ୍ମଲୋଚନ ଗତ ୧୯୮୫, ୧୯୯୫ ଓ ଗତ ୨୦୦୪ରେ କଂଗ୍ରେସରୁ ସିମୁଳିଆ ଖଇରା ନିର୍ବାଚନ ମଣ୍ଡଳୀରେ ବିଧାୟକ ହେବା ସହିତ ଥରେ ମନ୍ତ୍ରୀ ହୋଇଥିଲେ। ସେ ଗତ ୨୦୦୪ରୁ ଲଗାତର ୩ଥର ନିର୍ବାଚନ ଲଢ଼ିଥିଲେ ହେଁ ୩ଥର ପରାଜିତ ହୋଇଥିଲେ। ୨୦୧୯ ନିର୍ବାଚନରେ ପଦ୍ମଲୋଚନ କଂଗ୍ରେସ ଛାଡ଼ି ଭାଜପାରେ ଯୋଗ ଦେଇଥିଲେ। ତେବେ କଂଗ୍ରେସର ସମସ୍ତ ସମର୍ଥକ ତାଙ୍କୁ ପୂର୍ଣ୍ଣମାତ୍ରାରେ ସମର୍ଥନ ନ କରିବା ଓ ସମସ୍ତ ଭାଜପା ସମର୍ଥକ ତାଙ୍କୁ ଗ୍ରହଣ କରି ନ ପାରିବା ଯୋଗୁ ସେ ପରାଜିତ ହୋଇଥିଲେ।

# ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ଔପଦା, ୫।୪(ଧରିତ୍ରୀ ପଣ୍ଡା)

ଔପଦା ବ୍ଲକ ବହୁ ପୁରାତନ ଫତେପୁର ହାଇସ୍କୁଲର ୧୯୯୯ ମସିହା ମାଟ୍ରିକ ବ୍ୟାଚ୍‌ର ଛାତ୍ରମାନେ ସ୍ଥାନୀୟ ଷୋହଳଭଉଣୀ ଡ୍ୟାମଠାରେ ବନ୍ଧୁମିଳନ କରିଥିଲେ। ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ପ୍ରଥମେ ପରଲୋକ ଗମନ କରିଥିବା ହାଇସ୍କୁଲର ପ୍ରଧାନ ଶିକ୍ଷକ ଅନାଦି ଚରଣ ଦାସ, ଶିକ୍ଷକ ଗଙ୍ଗାଧର ବଳିୟାର ସିଂ, ସସଧର ପଣ୍ଡା, ଦିବଙ୍ଗତ ଛାତ୍ର ରାକେଶ କୁମାର ବିଶ୍ୱାଳ, ପବିତ୍ର ଜେନାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଚାନ୍ଦିପୁର ଡିଆର୍‌ଡିଓରେ କାର୍ଯ୍ୟରତ ଛାତ୍ର ଇଂ. ଅଭୟ କୁମାର ଲେଙ୍କା, ପ୍ରଶାସନିକ ସେବାରେ ନିଯୁକ୍ତ ଛାତ୍ର ଭୀମକାନ୍ତ ମାଝିଙ୍କ ତତ୍ତ୍ୱାବଧାନରେ ସଭା ପରିଚାଳନା କରାଯାଇଥିଲା। ଏହି ଅବସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବା ସହ ନିଜର ସମସ୍ତ ପୁରାତନ ଅନୁଭୂତିକୁ ମନେ ପକାଇ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ କରିଥିଲେ। ପୁରାତନ ଛାତ୍ର ପ୍ରକାଶ କୁମାର ପତି, ସୁକାନ୍ତ ପାତ୍ର, ରବୀନ୍ଦ୍ର ଦାଶ, ମନୋରଞ୍ଜନ ମହାନ୍ତି, ଓଁକାର ଜେନା, ରାମଚନ୍ଦ୍ର ବିଶ୍ୱାଳ, ପପୁନୁ ପଣ୍ଡା, ଶଶିକାନ୍ତ ସୂତାର, ପ୍ରଦ୍ୟୁମ୍ନ ପାଣିଗ୍ରାହୀ, ମାନସ ସାହୁ, ବୀରେନ୍ଦ୍ର ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସଂକଳ୍ପର ଦିବସ ହେଉ ଓଡ଼ିଶା ଦିବସ



ଓଡ଼ିଶା ଦିବସ ଉଦ୍‌ଯାପନୀ ଉତ୍ସବରେ ମଞ୍ଚରେ ଥିବା ଅତିଥି ବୃନ୍ଦ।

ଭୋଗରାଇ, ୫।୪(ପ୍ରଦୀପ ଦାସ)

ଓଡ଼ିଶା ଦିବସ ପ୍ରତ୍ୟେକ ଓଡ଼ିଆମାନଙ୍କର ସମୀକ୍ଷା ଓ ସଂକଳ୍ପ ଦିବସ ହେଉ। ଓଡ଼ିଆ ଜାତିପ୍ରାଣରେ ସ୍ପନ୍ଦିତ ହେଉ ଜାତୀୟ ଐକ୍ୟ। ଓଡ଼ିଆର ଅସ୍ମିତା ଓ ଭାଷା ସୁରକ୍ଷା ନିମନ୍ତେ ସୀମାନ୍ତ ଓ ବିଚ୍ଛିନ୍ନାଞ୍ଚଳରେ ସାମାଜିକ ଆନ୍ଦୋଳନ ଜରୁରୀ ବୋଲି ବାଲେଶ୍ୱର ଜିଲା ସୀମାନ୍ତ ଭୋଗରାଇ ବ୍ଲକ ବାଣିଜ୍ୟିକ ପେଣ୍ଠସ୍ଥଳୀ ଦେଉଳାହାଟଠାରେ ୪ ଦିନ ଧରି ଚାଲିଆସୁଥିବା ଉତ୍କଳ ଦିବସ ସମାରୋହ ବର୍ଣ୍ଣାଢ଼୍ୟ ଉଦ୍‌ଯାପନୀ ଉତ୍ସବରେ ବିଶିଷ୍ଟ ବକ୍ତାମାନେ ମତପ୍ରକାଶ କରିଛନ୍ତି। ଗୁରୁବାର ଶେଷ ସନ୍ଧ୍ୟାରେ କବିବର ରାଧାନାଥ ରାୟ ନାମିତ ମଞ୍ଚରେ ସଭାପତିତ୍ୱ କରିଥିଲେ କମିଟି ସଦସ୍ୟ ତଥା ଶିକ୍ଷକ ରାଜକିଶୋର ମହାନ୍ତି। ବ୍ୟଙ୍ଗ କବି ଡ. ଶ୍ରୀକୁମାର ଘୋଷ ମଞ୍ଚ ପରିଚାଳନାରେ କମିଟିର ସଦସ୍ୟ ଗଙ୍ଗୋଦକ ଜେନା ଲକ୍ଷ୍ୟ ସମ୍ପର୍କରେ ଅଭିମତ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ସାରସ୍ୱତ ସାଧକ ସତ୍ୟଶିବ ଦାସ, ମୁଖ୍ୟବକ୍ତା ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟ ଅଧ୍ୟାପକ ପୂର୍ଣ୍ଣେନ୍ଦୁ ଦାସ, ସାମାଜିକ କର୍ମୀ ଶକ୍ତିପଦ ଦାସ ମହାପାତ୍ର, କମିଟି ଉପସଭାପତି ଅନାଦି ରଞ୍ଜନ ଦାସ ମହାପାତ୍ର, ପ୍ରେସ କ୍ଲବର ସଭାପତି ଅମର ମହାନ୍ତି ପ୍ରମୁଖ ସୀମାନ୍ତ ଓ ବିଚ୍ଛିନ୍ନାଞ୍ଚଳରେ ମାତୃଭାଷାର ସୁରକ୍ଷା ନିମନ୍ତେ ସମସ୍ତେ ଜାତୀୟ ଐକ୍ୟ ଗଢ଼ି ତୋଳିବାକୁ ଓଡ଼ିଶାବାସୀଙ୍କୁ ଆହ୍ୱାନ ଦେଇଥିଲେ। ସାମାଜିକ କର୍ମୀ ସୁବ୍ରତ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନରେ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ଚିର ବନ୍ଦନୀୟା ଉତ୍କଳ ମା' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ସହିତ କୁନି ଛାତ୍ରୀଛାତ୍ରମାନେ ଆକର୍ଷଣୀୟ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ ହୋଇଥିଲା। ଅପରପକ୍ଷରେ ତୃତୀୟ ସନ୍ଧ୍ୟାରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ନାମିତ ମଞ୍ଚରେ ଶିକ୍ଷକ ଅରୁଣ କୁମାର ଦାସଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ସୁରେନ୍ଦ୍ର ନାଥ ଜୁନିୟର କଲେଜର ଅଧ୍ୟାପକ ବଂଶୀଧର ପ୍ରଧାନ, ମୁଖ୍ୟବକ୍ତା ଭାବେ ଆର୍‌ଆଇଏଚ୍‌ଏସ୍ କଲେଜ ପ୍ରାଧ୍ୟାପକ ବ୍ରଜବିହାରୀ ପତି, ସମ୍ମାନିତ ଅତିଥି ପ୍ରାକ୍ତନ ଜିଲାପରିଷଦ ସଦସ୍ୟ ହରେନ୍ଦ୍ର ନାଥ ଦାସ ଓ ଖବରଦାତା ବିକାଶ ପାଣିଗ୍ରାହୀ ବକ୍ତବ୍ୟ ପ୍ରଦାନ କରିଥିଲେ। ବ୍ୟଙ୍ଗ କବି ଡ. ଶ୍ରୀକୁମାର ଘୋଷ, ଖବରଦାତା ବିଶ୍ୱଜିତ ମହାନ୍ତି, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ସୁବାସ ଚନ୍ଦ୍ର ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଞ୍ଜୟ ଜେନା ଧନ୍ୟବାଦ ଦେଇଥିଲେ।

# କୁପାରୀ ହାଇସ୍କୁଲର ବାର୍ଷିକ କ୍ରୀଡା, ସାଂସ୍କୃତିକ ଉତ୍ସବ

ଖଇରା, ୫।୪(ଉତ୍କଳବନ୍ଧୁ ପଣ୍ଡା)



ଅତିଥିଙ୍କ ସମ୍ମୁଖରେ ଜଣେ ଛାତ୍ରୀଙ୍କ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ।

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ସରକାରୀ ହାଇସ୍କୁଲର ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ଉତ୍ସବ ସଭା ସାଙ୍ଗକୁ ପିଲାଙ୍କ ନାଚଗୀତ ମଧ୍ୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଜଗବନ୍ଧୁ ବେଶ୍ରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବ୍ଲକ ବିଇଓ ଗଦାଧର ଦାସ ମୁଖ୍ୟଅତିଥି, ଅଧ୍ୟାପକ ଯୁଧିଷ୍ଠୀର କୁଅଁର ମୁଖ୍ୟବକ୍ତା ଭାବେ ଯୋଗଦେଇ ପିଲାମାନେ ପାଠ ପଢିବା ସହ ଖେଳକୁଦରେ ଅଂଶଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଏବିଇଓ ଗୌରାଙ୍ଗ ମହାପାତ୍ର, ପ୍ରାକ୍ତନ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ସ୍ୱାଇଁ, ପ୍ରାକ୍ତନ ହିନ୍ଦୀଶିକ୍ଷକ ଅକ୍ଷୟ କୁମାର ବାରିକ, ପ୍ରାକ୍ତନ ଖେଳଶିକ୍ଷକ ସୁକାନ୍ତିଲତା ଦାସ, ସିଆରସିସି ରଘୁନାଥ ଦଳେଇ, ମୋ ସ୍କୁଲ ଅଭିଯାନ କମିଟି ସଭାପତି ବିଜୟକୃଷ୍ଣ ମହାପାତ୍ର, ସୁବର୍ଣ୍ଣଜୟନ୍ତୀ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ସେଣ୍ଠ, ପୁରାତନ ଛାତ୍ର ସଂସଦ ସଭାପତି ପରେଶ ଦକ୍ଷିଣରାୟ, ପରିଚାଳନା କମିଟି ସଭାପତି ଦେବେନ୍ଦ୍ର ଜେନା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ତନୁଜାରାଣୀ ପଣ୍ଡା ଅତିଥି ପରିଚୟ, ଅଭୟ କୁମାର ଦଳେଇ ବିବରଣୀ ପାଠ ଓ ସନ୍ତୋଷ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତବର୍ଷ ସିନିୟର, ଜୁନିୟର, ସବ୍‌ଜୁନିୟରରେ ଉଭୟ ବାଳିକା ଓ ବାଳକ ବିଭାଗରେ ଚାମ୍ପିୟନ ହୋଇଥିବା ଶୁଭମ ତୁଳସୀ ବିଶ୍ୱାଳ, ଶୁଭମ ମହାନ୍ତି, ଇତିଶ୍ରୀ ଦେଉରୀ, ସୁମନ ଜେନା, ଶିବାନୀ ସିଂ ଓ ପ୍ରଜ୍ଞା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପିଲାମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଗୁଣାତ୍ମକ ବିଜୁଳି ସେବାକୁ ଟିପିଏନଓଡିଏଲ୍‌ର ଗୁରୁତ୍ୱ

## ଗ୍ରୀଷ୍ମରେ ଚାହିଦା ପୂରଣ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଇବାକୁ ପ୍ରୟାସ

ବାଲେଶ୍ୱର, ୫।୪(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ(ଟିପିଏନଓଡିଏଲ) ପକ୍ଷରୁ ଗ୍ରୀଷ୍ମ ଋତୁରେ ଉପଭୋକ୍ତାଙ୍କୁ ନିରନ୍ତର ଓ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ପାଇଁ ବଳିଷ୍ଠ ପଦକ୍ଷେପ ଗ୍ରହଣ କରାଯାଇଛି। ଚଳିତବର୍ଷ ଗ୍ରୀଷ୍ମଋତୁରେ ଶୀର୍ଷ ଚାହିଦା ୧୩୯୩ ମେଗାୱାଟ୍ ହେବା ନେଇ ଟିପିଏନଓଡିଏଲ୍ ଆକଳନ କରିବା ସହ ଏହାର ମୁକାବିଲା ପାଇଁ ପ୍ରସ୍ତୁତି ଜାରି ରଖିଛି।

ଟିପିଏନ୍‌ଓଡିଏଲ୍ ପକ୍ଷରୁ ୩୩କେଭି, ୧୧କେଭି ତାର, ଟ୍ରାନ୍ସଫର୍ମର ପ୍ରତିଷେଧମୂଳକ, ବିଭ୍ରାଟଜନିତ ରକ୍ଷଣାବେକ୍ଷଣ ଓ ଫ୍ୟୁଜ୍ କଲ୍ ଅଭିଯୋଗର ତ୍ୱରିତ ମୁକାବିଲା ଏବଂ ସବଷ୍ଟେଶନଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ପାଇଁ ବିଜନେସ୍ ଆସୋସିଏଟସ୍‌ମାନଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ୨୪ଘଣ୍ଟିଆ ପିଏସ୍‌ସିସି କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ଭାବେ ପରିଚାଳନା ସାଙ୍ଗକୁ ଏକ ଉତ୍ସର୍ଗୀକୃତ ୨୪ଘଣ୍ଟିଆ କଲ୍ ସେଣ୍ଟର ସ୍ଥାପନ କରାଯାଇଛି। ସ୍ଥାନୀୟ ଟିମ୍ ଓ ବାଲେଶ୍ୱର ପିଏସ୍‌ସିସିର ମୁଖ୍ୟ ନିୟନ୍ତ୍ରଣ କକ୍ଷ ସହ ସମନ୍ୱୟ ରକ୍ଷା କରିବା ପାଇଁ ସର୍କଲ୍ ଓ ଡିଭିଜନସ୍ତରୀୟ ନିୟନ୍ତ୍ରଣ କକ୍ଷ ସ୍ଥାପନ ମଧ୍ୟ କରାଯାଇଛି। ୧୧ କେଭି ଓ ଏଲ୍‌ଟି ତାରର ରକ୍ଷଣାବେକ୍ଷଣ ପାଇଁ ଏଏମ୍‌ସି ଅଧୀନରେ ୨୫୮ ଯାନ ସହିତ ୭୪୬୪ ବିଏ କର୍ମଚାରୀଙ୍କୁ ସହରାଞ୍ଚଳରେ ୨୪ଘଣ୍ଟା ଏବଂ ଗ୍ରାମାଞ୍ଚଳରେ ୧୨ଘଣ୍ଟା ପାଇଁ ନିୟୋଜନ କରାଯାଇଛି। ପିଏସ୍‌ଏସ୍ ଓ ୩୩ କେଭି ଲାଇନ୍‌ର ରକ୍ଷଣାବେକ୍ଷଣ ଲାଗି ଅତିରିକ୍ତ ଯାନ ସହିତ ବିଏ କର୍ମଚାରୀ ମଧ୍ୟ ମୁତୟନ କରାଯାଇଛି। ଜରୁରୀକାଳୀନ ସ୍ଥିତି ପାଇଁ ଡିଜି ସେଟ ବ୍ୟବସ୍ଥା ସାଙ୍ଗକୁ ଯେକୌଣସି ପ୍ରକାର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଲାଗି ଉପକରଣର ଏକ ସ୍ୱତନ୍ତ୍ର ଭଣ୍ଡାର ସ୍ଥାପନ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜନସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଗ୍ରାଧିକାର ଭିତ୍ତିରେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବା, ଜରୁରୀକାଳୀନ ସମୟରେ ଓସଡ଼ାମା ସହ ସମ୍ପର୍କ ସ୍ଥାପନର ବ୍ୟବସ୍ଥା ସାଙ୍ଗକୁ ସୁରକ୍ଷା କ୍ଷେତ୍ରରେ ମଧ୍ୟ ବ୍ୟାପକ ପ୍ରସ୍ତୁତି ହୋଇଛି। ତେବେ ଗ୍ରୀଷ୍ମପ୍ରବାହରେ ଶୀର୍ଷ ବିଜୁଳି ଚାହିଦା ମେଣ୍ଟାଇବା ଲାଗି ସବୁକ୍ଷେତ୍ରରେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଓ ନିରବଚ୍ଛିନ୍ନ ବିଜୁଳି ଯୋଗାଇବା ଲାଗି ସମସ୍ତ ପ୍ରସ୍ତୁତି ଜାରି ରଖାଯାଇଛି। ସେହିପରି ସାମ୍ପ୍ରତିକ ଗ୍ରୀଷ୍ମ ପ୍ରବାହର ପ୍ରତିକୂଳ ସ୍ଥିତିରେ ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ବିଜୁଳି ସେବା ଯୋଗାଇବା ପାଇଁ ନିୟୋଜିତ ହୋଇଥିବା କର୍ମଚାରୀମାନଙ୍କର ସୁରକ୍ଷା ଓ ସ୍ୱାସ୍ଥ୍ୟବସ୍ଥାକୁ ମଧ୍ୟ ଟିପିଏନଓଡିଏଲ୍ ଗୁରୁତ୍ୱ ଦେଉଥିବା ଟିପିଏନ୍‌ଓଡିଏଲ୍ ସିଇଓ ଦ୍ୱିଜଦାସ ବସକ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।



ଟିପିଏନ୍‌ଓଡିଏଲ୍ ପକ୍ଷରୁ ଟ୍ରାନ୍ସଫର୍ମର ମରାମତି କରାଯାଉଛି।

# ସମୁଦ୍ରରେ ବୁଡ଼ି ମତ୍ସ୍ୟଜୀବୀଙ୍କ ମୃତ୍ୟୁ

ରୂପସା, ୫।୪(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ବାହାବଳପୁର ସାମୁଦ୍ରିକ ଥାନା ଅଧୀନ ସମୁଦ୍ରରେ ବୁଡି ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ମୃତ ମତ୍ସ୍ୟଜୀବୀ ହେଲେ ବାରିପଦା ଅଞ୍ଚଳର ବାବୁନି ମୁର୍ମୁ (୩୩)। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨/୨୪) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ଗତ ମାର୍ଚ୍ଚ ୩୦ ତାରିଖରେ ମତ୍ସ୍ୟଜୀବୀ ଜଣକ ଶୁଭଙ୍କର ମଣ୍ଡଳଙ୍କ ବୋଟ୍‌ରେ ବଙ୍ଗୋପସାଗର ଭିତରକୁ ଅନ୍ୟ ମତ୍ସ୍ୟଜୀବୀଙ୍କ ସହ ମାଛ ଧରିବାକୁ ଯାଇଥିଲେ। ଅସାବଧାନତାବଶତଃ ବାବୁନି ବୋଟରୁ ସମୁଦ୍ର ଭିତରକୁ ଖସିପଡିଥିବା ଅଭିଯୋଗ ହୋଇଥିଲା। ଗୁରୁବାର ମୃତଦେହ ସମୁଦ୍ର କୂଳରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ସାମୁଦ୍ରିକ ଥାନାଧିକାରୀ ପ୍ରଶାନ୍ତ କୁମାର ପାଣି ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି।

# ବାହାନଗାରେ ବିଜେଡି ଅସନ୍ତୁଷ୍ଟଙ୍କ ବୈଠକ



ବାହାନଗା, ୫।୪(ଅରୂପ କୁମାର ଦାସ)

ଶୁକ୍ରବାର ଅପରାହ୍ନରେ ବାହାନଗା ବ୍ଲକରେ ବିଜେଡି ଅସନ୍ତୁଷ୍ଟଙ୍କ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋପାଳପୁର ପଞ୍ଚାୟତ ସମିତିସଭ୍ୟ ଯୋଗେଶ ଚନ୍ଦ୍ର ପତି ସଭାପତିତ୍ୱ କରିଥିଲେ। ବିଜେଡି ପକ୍ଷରୁ ସୋର ବିଧାୟକ ପର୍ଶୁରାମ ଧଡାଙ୍କୁ ଯେପରି ଦଳୀୟ ଟିକେଟରୁ ଶେଷ ମୁହୂର୍ତ୍ତରେ କାଟି ଦିଆଗଲା ସେଥିପାଇଁ ବିଧାୟକଙ୍କ ଗୋଷ୍ଠୀ ପକ୍ଷରୁ ପ୍ରତିବାଦ ସ୍ୱରୂପ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୋପାଳପୁରଠାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ବ୍ଲକର ୧୯ ପଞ୍ଚାୟତର ବିଧାୟକ ଧଡାଙ୍କ ଅନୁଗତ କର୍ମକର୍ତ୍ତା ଓ ପ୍ରତି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟମାନେ ଉପସ୍ଥିତ ଥିଲେ। ଉପସ୍ଥିତ ନେତା ଓ କର୍ମୀମାନେ ସେମାନଙ୍କର ଆଗାମୀ ଭବିଷ୍ୟତ ତଥା ନିର୍ବାଚନରେ ସେମାନଙ୍କର ଭୂମିକା ବାବଦରେ ଆଲୋଚନା କରିଥିଲେ। ଫଳରେ ସମସ୍ତ ପଞ୍ଚାୟତ ସ୍ତରୀୟ ନେତାମାନେ ସମସ୍ତେ ବିଧାୟକ ଧଡାଙ୍କ ସହିତ ରହିବା ସହିତ ସେ ଯେଉଁ ନିଷ୍ପତ୍ତି ନେବେ ତାହାକୁ ସମସ୍ତେ ଗ୍ରହଣ କରିନେବେ ବୋଲି ଦୃଢ ନିଷ୍ପତ୍ତି ନେଇଥିଲେ। ବିଧାୟକ କଂଗ୍ରେସ ଛାଡି ଯେଉଁ ଦଳକୁ ଯିବେ ସମସ୍ତେ ତାଙ୍କ ସହ ଯିବେ ବୋଲି ଦୃଢ ନିଷ୍ପତ୍ତି ନେଇଛନ୍ତି। ଏଥିରେ ଖରାସାହାପୁର ପଞ୍ଚାୟତର ସମିତିସଭ୍ୟା ତଥା ବ୍ଲକ ଉପାଧ୍ୟକ୍ଷା ବାସନ୍ତୀ ପତି, ଅଶ୍ୱିନୀ ପତି, ସରପଞ୍ଚ କୈଳାସ ରାଉତ, ଅଞ୍ଜିର ଅଜୟ ପଣ୍ଡା, ସାଉଡୁ ପଞ୍ଚାୟତ ସମିତିସଭ୍ୟାଙ୍କ ପ୍ରତିନିଧି ବିଜୟ ମହାପାତ୍ର, ସଭାପତି କାଲୁଆ ନାୟକ, ସାହାସପୁରା ପଞ୍ଚାୟତର ଅନନ୍ତ କର, ଏସ୍‌କେ ରାଜନ, ଟିଣ୍ଡଳର ଗୋଲକ ପୁହାଣ, ସମିତିସଭ୍ୟ ଶମ୍ଭୁନାଥ ସେଠୀ, କୁଚଆକୋଇଲି ପଞ୍ଚାୟତ ସମିତିସଭ୍ୟ ମୁକ୍ତିକାନ୍ତ ବେହେରା, ସରପଞ୍ଚ ଯୋଗୁଦା ମଣୀ ଶିଆଳ, ହରେକୃଷ୍ଣ ଶିଆଳ, କୁରୁଡାର ସରପଞ୍ଚ ମୀନତି ସେଠୀ, ସଭାପତି କମଳା ଶିଆଳ ପ୍ରମୁଖ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସାଇସ୍ୱରୂପା ମାନସିକ ଭିନ୍ନକ୍ଷମ ବିଦ୍ୟାଳୟର ବାର୍ଷିକୋତ୍ସବ

ଭଦ୍ରକ,୫।୪ (ସନାତନ ରାଉତ)

ଭଦ୍ରକ ଗେଲପୁର ସାଇସ୍ୱରୂପା ମାନସିକ ଭିନ୍ନକ୍ଷମ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟନ୍ତ କୁମାର ସେନାପତିଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଇଂ. ଯୁଗଳ କିଶୋର ଅଗ୍ରୱାଲା ଏବଂ ଅନ୍ୟତମ ଅତିଥି ଭାବେ ଭଦ୍ରକ ଜିଲା ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ବିଭାଗ ସହ ଅଧିକାରୀ ସୁଭାଷ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ଭିନ୍ନକ୍ଷମ ସଶକ୍ତୀକରଣ ବିଷୟରେ ଅତିଥିମାନେ ଆଲୋକପାତ କରିବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥିଙ୍କ ସମେତ ରୋଟାରିଆନ ସୀତାକାନ୍ତ ଦାସ, ଶିଳ୍ପପତି ଶେଖର ମହାପାତ୍ର, ଅବସରପ୍ରାପ୍ତ ପ୍ରଫେସର କମଳାକାନ୍ତ ସ୍ୱାଇଁ, ଭାସ୍କର ଚନ୍ଦ୍ର ମଲ୍ଲିକ ପ୍ରମୁଖଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟକୁ ଗଢ଼ି ଉଠାଇଥିବା ଇଂ. ଅଗ୍ରୱାଲାଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳନା କମିଟି ସମ୍ପାଦକ ଡା. ଶରତ କୁମାର ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସ୍କୁଲ ଅଧକ୍ଷା ରଜନୀରାଣୀ ପତି ଧନ୍ୟବାଦ ଦେଇଥିଲେ।

### ଶାଶୁଙ୍କ ଶୁଦ୍ଧିକାର୍ଯ୍ୟକୁ ଯାଉଥିଲେ, ଦୁର୍ଘଟଣାରେ ବୋହୂଙ୍କ ମୃତ୍ୟୁ

ରାମଚନ୍ଦ୍ରପୁର,୫।୪ (ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘଷିପୁରା ବ୍ଲକ୍ ଅନ୍ତର୍ଗତ ମଦନପୁର ପଞ୍ଚାୟତ ଗୋଡ଼ିପାଟଣା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଶାଶୁଙ୍କ ଶୁଦ୍ଧିକ୍ରିୟା ନ ସରୁଣୁ ବୋହୂଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଗ୍ରାମର ବାବାନ ସାହୁଙ୍କ ପତ୍ନୀ ରେବତୀ ସାହୁଙ୍କ ନବମ କ୍ରିୟାରେ ଯୋଗଦେବାକୁ ସରୋଜ ସାହୁ ଓ ମା' ସୁରମା ସାହୁ କେନ୍ଦୁଝରରୁ ବାଇକ୍ (ଓଡି ୦୯ ଏକ୍ସ ୦୪୩୬) ଯୋଗେ ଆସୁଥିଲେ। ୨୦ ନଂ. ଜାତୀୟ ରାଜପଥ ଧକୋଠା ଓଭର ବ୍ରିଜ ନିକଟରେ ବାଇକ୍‌ର ଆଗ ଚକରେ ୨ କୁକୁର ପଶି ଯାଇଥିଲେ। ଫଳର ବାଇକ୍ ନିୟନ୍ତ୍ରଣ ହରାଇ ରାଜପଥରେ ପଡ଼ି ଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ସୁରମାଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଛନ୍ତି। ଘଟଣାରେ ସରୋଜ ସାହୁ ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ସୁନୀଲ କୁମାର କର କହିଛନ୍ତି।

# ପରକୀୟା ପ୍ରୀତିରୁ ହତ୍ୟା, ଅଭିଯୁକ୍ତ ଗିରଫ

ଭଦ୍ରକ,୫।୪ (ସନାତନ ରାଉତ)

**ବନ୍ଦ ଘରୁ ମହିଳାଙ୍କ ମୃତଦେହ ମିଳିବା ଘଟଣାର ପର୍ଦ୍ଦାଫାଶ**


ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଉଛି।

ଭଦ୍ରକ ଟାଉନ ଥାନା ଅଧୀନ ଅର୍ପଣବିନ୍ଧା ନିଉକଲୋନୀରେ ଗତ ୩୦ ତାରିଖରେ ଏକ ଭଡ଼ାଘରର ବନ୍ଦ କୋଠରୀରୁ ମଧୁମିତା ନାୟକ ନାମ୍ନୀ ମହିଳାଙ୍କ ମୃତଦେହ ମିଳିଥିଲା। ତାଙ୍କ ସ୍ୱାମୀ ମହେଶ୍ୱର ନାୟକଙ୍କ ଅଭିଯୋଗକ୍ରମେ ଟାଉନ ଥାନା ପୋଲିସ ଏକ ହତ୍ୟା ମାମଲା (ନଂ.୧୭୩/୨୪) ରୁଜୁ କରି ତଦନ୍ତ ଜାରି ରଖିଥିଲା। ପରକୀୟା ପ୍ରୀତିରୁ ଏହି ହତ୍ୟାକାଣ୍ଡ ଘଟିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଜଗତ୍‌ସିଂହପୁର ଟାଉନ ଥାନା ଅଧୀନ ଅଗର ଗାଁର ଆଶିଷ ମହାନ୍ତି (୩୮)ଙ୍କୁ ଗୁରୁବାର ଗିରଫ କରାଯାଇଛି।

ଟାଉନ ଥାନାରେ ଶୁକ୍ରବାର ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ସୂଚନା ଦେଇ କହିଛନ୍ତି, ତିହିଡ଼ି ଥାନା ଅଧୀନ ଗୋଳାପୋଖରୀ ଗ୍ରାମର ମହେଶ୍ୱର ୪ ବର୍ଷ ତଳେ ସ୍ତ୍ରୀ ମଧୁମିତାଙ୍କ ସହ ଭୁବନେଶ୍ୱରରେ ରହୁଥିଲେ। ସେଠାରେ ଏକ ଘରୋଇ ସ୍କୁଲରେ ତାଙ୍କ ପୁଅ ପାଠ ପଢୁଥିବା ବେଳେ ସେହି ସ୍କୁଲରେ ଚାକିରି କରିଥିବା ଆଶିଷଙ୍କ ସହ ମଧୁମିତାଙ୍କର ସମ୍ପର୍କ ଆରମ୍ଭ ହୋଇଥିଲା। ଧୀରେ ଧୀରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ୬ ମାସ ତଳେ ମହେଶ୍ୱର ମଧୁମିତାଙ୍କୁ ଅର୍ପଣବିନ୍ଧାସ୍ଥିତ ନିଉକଲୋନୀରେ ଭଡ଼ାଘରେ ରଖିଥିଲେ। ମହେଶ୍ୱର ମୁମ୍ବାଇରେ ରହୁଥିବା ବେଳେ ତାଙ୍କର ଏକମାତ୍ର ପୁଅ ପୁନେରେ ରହି ପାଠ ପଢୁଛନ୍ତି। ମଧୁମିତା ଭଡ଼ାଘରେ ଏକା ରହୁଥିବା ବେଳେ ଆଶିଷ ଏଠାକୁ ମଝିରେ ମଝିରେ ଆସୁଥିଲେ। ମଧୁମିତାଙ୍କର ଅନ୍ୟ ଜଣେ ପୁରୁଷଙ୍କ ସହ ପ୍ରେମସମ୍ପର୍କ ଥିବା ଆଶିଷଙ୍କର ସନ୍ଦେହ ହୋଇଥିଲା। ଗତ ମାର୍ଚ୍ଚ ୧୩ରେ ଆଶିଷ ମଧୁମିତାଙ୍କ ପାଖକୁ ଆସିଥିଲେ। ଏହି ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମଜନିତ ସନ୍ଦେହ ଓ ଟଙ୍କା କାରବାରକୁ ନେଇ ଝଗଡ଼ା ହୋଇଥିଲା। ୧୫ ତାରିଖ ରାତିରେ ମଧୁମିତାଙ୍କୁ ଏକ ଧାରୁଆ ଛୁରୀ ଓ ଟ୍ୟୁବ୍‌ୱେଲର ପ୍ଲାଞ୍ଜର ରଡ୍ ସାହାଯ୍ୟରେ ହତ୍ୟା କରି ଆଶିଷ ୧୬ ତାରିଖ ଭୋର ସମୟରେ ଉକ୍ତ ଘରେ ବାହାର ପଟୁ ତାଲା ଦେଇ ପଳାଇ ଯାଇଥିଲେ।

ଗଲା ବେଳେ ମଧୁମିତାଙ୍କ ମୋବାଇଲ ସାଙ୍ଗରେ ନେଇ ଯାଇଥିଲେ ବୋଲି ପୋଲିସ ଆଗରେ ଆଶିଷ ସ୍ୱୀକାର କରିଛନ୍ତି। ସେହି ମୋବାଇଲର କଲ୍ ରେକର୍ଡ ଯାଞ୍ଚ କରି ଟାଉନ ଥାନା ଓ ପୁରୁଣାବଜାର ପୋଲିସ ମିଳିତ ଭାବେ ଭଦ୍ରକ ଚରମ୍ପା ବଜାରର ଲକ୍ଷ୍ମୀନାରାୟଣ ମନ୍ଦିର ନିକଟରୁ ଆଶିଷଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଶୁକ୍ରବାର ଅପରାହ୍ଣରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି।

ସୂଚନାଯୋଗ୍ୟ, ଭଡ଼ାଘର ଭିତରୁ ଦୁର୍ଗନ୍ଧ ହେବାରୁ ମାଲିକ ଜଣାଇବା ପରେ ଗତ ଶନିବାର ମହେଶ୍ୱର ଭଦ୍ରକରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ଟାଉନ ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କବାଟ ଭାଙ୍ଗିବା ପରେ ମଧୁମିତାଙ୍କ ମୃତଦେହ ଘର ଭିତରେ ପଡ଼ିଥିଲା। ତଦନ୍ତ ପରେ ଏହା ହତ୍ୟାକାଣ୍ଡ ବୋଲି ପୋଲିସର ସନ୍ଦେହ ହୋଇଥିଲା। ଖବରଦାତା ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି, ପୁରୁଣାବଜାର ଥାନା ଅଧିକାରୀ ନୀରୋଜ ସାମଲ ଓ ତଦନ୍ତକାରୀ ଅଫିସର ଏସ୍‌ଆଇ ଶ୍ରୀକାନ୍ତ କୁମାର ପତି ଉପସ୍ଥିତ ଥିଲେ।

# ଆଉ ୩ଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

ଭଦ୍ରକ,୫।୪ (ସନାତନ ରାଉତ)

**ଜାଲ୍ ମୃତ୍ୟୁ ପ୍ରମାଣପତ୍ର ମାମଲା**

ଧାମନଗର ବ୍ଲକ ଅଧୀନ ଅସୁରାଳି ଗ୍ରାମର ଜୟରାମ ନାୟକଙ୍କ ସ୍ତ୍ରୀ ମନୋରମା ନାୟକଙ୍କ ମୃତ୍ୟୁ ପ୍ରମାଣପତ୍ର ଜାଲିଆତି ଘଟଣାରେ କ୍ରାଇମବ୍ରାଞ୍ଚ ଆଉ ୩ଜଣଙ୍କୁ ଗୁରୁବାର ଗିରଫ କରିଛି। ସେମାନେ ହେଲେ ଧୂଷୁରୀ ଅଞ୍ଚଳର ପ୍ରମିଳା ରାଉତ, ଉର୍ମିଳା ରାଉତ ଓ ବୁଧିରାମ ଧଳ। ସେମାନଙ୍କୁ ଧାମନଗର ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହୋଇଛି। ଏହି ଘଟଣାରେ ୬ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ପୂର୍ବରୁ ଭଦ୍ରକ ସଦର ରାଜସ୍ୱ ନିରୀକ୍ଷକ ଶରତ କୁମାର ମହାନ୍ତିଙ୍କୁ କ୍ରାଇମବ୍ରାଞ୍ଚ ମଙ୍ଗଳବାର ଗିରଫ କରିଥିଲା।

ପ୍ରକାଶଥାଉ କି, ୨୦୦୬ ଜୁନ୍ ୬ରେ ମନୋରମାଙ୍କର ଅସୁସ୍ଥତା ଯୋଗୁ ମୃତ୍ୟୁ ଘଟିଥିଲା। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କ୍ରମିକ ନଂ.୩୭୪ରେ ରେଜିଷ୍ଟ୍ରେଶନ ହୋଇଥିଲା। ୨୦୧୫ ଜୁନ୍ ୧୨ରେ ମନୋରମାଙ୍କର ମୃତ୍ୟୁ ହୋଇଥିବା ଦର୍ଶାଇ ଜୟରାମ ୨୦୨୦ରେ ମୃତ୍ୟୁ ସାର୍ଟିଫିକେଟ୍ ପାଇଁ ଆବେଦନ କରିଥିଲେ। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦୨୦ ଜାନୁଆରୀ ୭ରେ ଆଉ ଏକ ମୃତ୍ୟୁ ପ୍ରମାଣପତ୍ର ପଞ୍ଜୀକରଣ ହୋଇଥିଲା। ଜୟରାମଙ୍କ ପରିବାର ପକ୍ଷରୁ ଏକ ଜମିବାଡ଼ି ମାମଲା ଉଚ୍ଚ ନ୍ୟାୟାଳୟରେ ବିଚାର ବେଳେ ମୃତ୍ୟୁ ପ୍ରମାଣପତ୍ର ଜାଲିଆତି ଜଣାପଡ଼ିଥିଲା। ହାଇକୋର୍ଟ କ୍ରାଇମବ୍ରାଞ୍ଚକୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରମାଣପତ୍ର ଜାଲିଆତିରେ ମୁଖ୍ୟ ସୂତ୍ରଧର ରାଜସ୍ୱ ନିରୀକ୍ଷକ ମହାନ୍ତି ୨୦୨୧ରେ ଅସୁରାଳି ରାଜସ୍ୱ ନିରୀକ୍ଷକ ଥିବା ସମୟରେ ହୋଇଥିଲା।

# 'ଗ୍ରାମାଞ୍ଚଳ ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ଲୁଚି ରହିଛନ୍ତି ବହୁ ପ୍ରତିଭା'



ଶାରଦା ବିଦ୍ୟାମନ୍ଦିର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।

ଭଣ୍ଡାରିପୋଖରୀ, ୫।୪ (ରବିନାରାୟଣ ଖିଲାର)

ଗ୍ରାମାଞ୍ଚଳ ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ବହୁ ପ୍ରତିଭା ଲୁଚି ରହିଛନ୍ତି। ଶିକ୍ଷକ, ଅଭିଭାବକ ସେହି ପ୍ରତିଭାକୁ ବିକଶିତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କଲେ ଆଗାମୀ ଦୁଇ ଦଶନ୍ଧି ମଧ୍ୟରେ ଭାରତରୁ ବହୁ ବୈଜ୍ଞାନିକ ସୃଷ୍ଟି ହୋଇପାରିବେ। ଭଣ୍ଡାରିପୋଖରୀ ବ୍ଲକର ଶାରଦା ବିଦ୍ୟାମନ୍ଦିର ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଇସ୍ରୋର ଅବସରପ୍ରାପ୍ତ ବୈଜ୍ଞାନିକ ତଥା ବିଜ୍ଞାନ ଲେଖକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ପରିଚାଳନା କମିଟି ସଭାପତି ଚକ୍ରଧର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ଧର୍ମଶାଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଇଂଲିଶ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି, ଅନ୍ୟତମ ଅତିଥି ଭାବେ ଭାବେ ପରିଚାଳନା କମିଟି ସଭ୍ୟ ତାରାକାନ୍ତ ରାଉତ ଓ ଅବସରପ୍ରାପ୍ତ ଶିକ୍ଷକ ତଥା ପାଲାଗାୟକ ବିଶ୍ୱମ୍ଭର ନାଥ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ତରଫରୁ ଶ୍ରେଷ୍ଠ ଶିକ୍ଷକ ତଥା କବି ସାରଦାନନ୍ଦ ପାଳିତ୍, କଳାକାର ରାଜେଶ ବାରିକ ଓ ରମାକାନ୍ତ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥଲା। ଗୁରୁମା ସୁସ୍ମିତା ସ୍ୱାଇଁ ସଞ୍ଚାଳନା କରିଥିବା ବେଳେ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର ବିବରଣୀ ପାଠ, କବି ପବନ କୁମାର ନାୟକ ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷକ ନିର୍ମଳ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଚିତ୍ତରଞ୍ଜନ ନାୟକଙ୍କ ସଞ୍ଚାଳନାରେ ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ରଙ୍କୁ ରାଧାରାଣୀ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଗୁରୁଜୀ ସୁଶାନ୍ତ ସେନାପତିଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ 'ଜୀବନ ବଂଶୀର ମଧୁ ମୂର୍ଚ୍ଛନା' ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ ହୋଇଥିଲା।



ଅସହ୍ୟ ଖରା ଯୋଗୁ ଭଦ୍ରକ ବନ୍ତ ଛକ ଶୂନଶାନ।

# ଅସହ୍ୟ ତାତି, ଖାଁ ଖାଁ ସହର

ଭଦ୍ରକ,୫।୪ (ସନାତନ ରାଉତ)

ଗତ ୩ ଦିନ ଧରି ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଖରା ତାତି କଳବଳ କରୁଛି। ପୂର୍ବାହ୍ଣ ୧୦ଟା ପରେ ଖାଁ ଖାଁ ଲାଗୁଛି ଭଦ୍ରକ ସହର। ଦୋକାନ ବଜାର ବନ୍ଦ ହୋଇଯିବା ସହ ରାସ୍ତାଘାଟ ଶୂନଶାନ ହୋଇଯାଉଛି। ସବୁବେଳେ ଜନଗହଳି ରହୁଥିବା ସହରର ବନ୍ତଛକ ତାତି ଯୋଗୁ ଜନଶୂନ୍ୟ ହେଉଥିବା ଦେଖିବାକୁ ମିଳିଛି। ମେଡିକାଲ, କୋର୍ଟ ଓ ବିଭିନ୍ନ କାମରେ ପ୍ରତ୍ୟେକ ଦିନ ଜିଲାର କୋଣ ଅନୁକୋଣରୁ ହଜାର ହଜାର ଲୋକ ଭଦ୍ରକ ସହରକୁ ଆସୁଥିବା ବେଳେ ବ୍ୟବସାୟିକ ଦୃଷ୍ଟିକୋଣରୁ ପଡ଼ୋଶୀ ବାଲେଶ୍ୱର, କେନ୍ଦୁଝର, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାର ଅଧିକାଂଶ ଲୋକ ଭଦ୍ରକ ଆସିଥାନ୍ତି। ତାତି ବଢ଼ିବା ସହ ନିଆଁ ବର୍ଷା ହେବା ପରି ଅନୁଭବ ହେଉଛି। ଶୁକ୍ରବାର ଅନ୍ୟଦିନ ଅପେକ୍ଷା ଗ୍ରୀଷ୍ମପ୍ରବାହ ଅଧିକ ଅନୁଭୂତ ହୋଇଛି। ସହରରେ ବ୍ୟବସାୟୀଙ୍କ ବେପାର ମଧ ମାନ୍ଦା ହୋଇଥିବା ବେଳେ ଆଖୁରସ, ଲସି ଓ ଲେମ୍ବୁ ସର୍ବତ ଦୋକାନ ପାଖରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

# ଜବତ ବାଲି ବୋଝେଇ ଟ୍ରାକ୍ଟର ଛଡ଼ାଇନେଲେ

ଆନନ୍ଦପୁର,୫।୪(ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଆନନ୍ଦପୁର, ଘସିପୁରା ତହସିଲ ଦେଓଗାଁ ସୀମାନ୍ତ କୁଶେଇ ନଦୀର ଡିହସାହି ପାର୍ଶ୍ୱରୁ ବାଲି ଚୋରାଚାଲାଣ ବେଳେ ଜବତ ଟ୍ରାକ୍ଟରକୁ ବାଲି ବ୍ୟବସାୟୀ ଛଡ଼ାଇ ନେଇଛନ୍ତି। ସୂଚନା ଅନୁଯାୟୀ, ଘସିପୁରା ବ୍ଲକ୍ ମଦନପୁର ପଞ୍ଚାୟତର କାନପୁର ଓ ଯାଜପୁର ଜିଲା ବାଡିବିଲ ଅଞ୍ଚଳର ୧୦ରୁ ଊର୍ଦ୍ଧ୍ୱ ଟ୍ରାକ୍ଟରରେ ଏଠାରୁ ନିୟମିତ ବାଲି ଚାଲାଣ କରାଯାଉଛି। ଖବର ପାଇ ଘସିପୁରା ତହସିଲଦାର ନୀଳକଣ୍ଠ ବେହେରା ପୋଲିସ ସହାୟତାରେ ଚଢ଼ାଉ କରି ଗୋଟିଏ ଟ୍ରାକ୍ଟରକୁ ଜବତ କରିଥିଲେ। ତାହାକୁ ବାଲି ମାଫିଆମାନେ ଛଡ଼ାଇ ନେଇଥିବା ଜଣାପଡ଼ିଛି। ଏହି ସମୟରେ ପୋଲିସ କର୍ମଚାରୀଙ୍କ ସହ ବାଲି ମାଫିଆଙ୍କ ହାତାହାତି ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏ ନେଇ ତହସିଲଦାରଙ୍କୁ ପଚାରିବାରୁ ବାଲି ମାଫିଆଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଛି ବୋଲି କହିଥିଲେ।

# ନିଖୋଜ ନାବାଳକ ଚରମ୍ପା ଷ୍ଟେଶନରୁ ଉଦ୍ଧାର

ଭଦ୍ରକ,୫।୪ (ସନାତନ ରାଉତ)

ଦେଢ଼ମାସ ତଳୁ ନିଖୋଜ ଥିବା ଭଦ୍ରକ ଚରମ୍ପାର ଜଣେ ନାବାଳକଙ୍କୁ ଗୁରୁବାର ଟାଉନ ପୋଲିସ ଉଦ୍ଧାର କରିଛି। ଚରମ୍ପା ଷ୍ଟେଶନ ନିକଟରୁ ନାବାଳକଙ୍କୁ ଉଦ୍ଧାର କରାଯାଇଥିବା ବେଳେ ସ୍ୱେଚ୍ଛାସେବୀଙ୍କ ଉପସ୍ଥିତିରେ ଟାଉନ ଥାନାରେ ତାଙ୍କ ମା' ବାପାଙ୍କୁ ଜିମା ଦିଆଯାଇଛି। ଭଦ୍ରକ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ନିଖୋଜ ଶିଶୁ ସମ୍ପର୍କିତ ତଥ୍ୟ ଦେବା ପାଇଁ ତାଲିକାଭୁକ୍ତ ସ୍ୱେଚ୍ଛାସେବୀ (ପିଏଲ୍‌ଭି) ସନ୍ତୋଷ କୁମାର ସ୍ୱାଇଁ ଓ ଶକୁନ୍ତଳା ପାତ୍ର ଟାଉନ ଥାନାରେ କାର୍ଯ୍ୟରତ ଅଛନ୍ତି। ଚରମ୍ପାର ରବୀନ୍ଦ୍ର ମୁଣ୍ଡାଙ୍କ ୧୦ ବର୍ଷର ପୁଅ ଗତ ଫେବୃୟାରୀ ୧୬ରେ ନିଖୋଜ ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ କରାଯାଇଥିଲା।

# କଣ୍ଠଶିଳ୍ପୀ ଶାନ୍ତିଲତାଙ୍କୁ ଶ୍ରଦ୍ଧାଞ୍ଜଳି

ତିହିଡ଼ି,୫।୪ (ସଞ୍ଜିତ ବଳ)

ତିହିଡ଼ି ବ୍ଲକ କଳିଙ୍ଗ କଳାକାର ସଂଘ ପକ୍ଷରୁ ଶୁକ୍ରବାର କଣ୍ଠଶିଳ୍ପୀ ସ୍ୱର୍ଗତ ଶାନ୍ତିଲତା ବାରିକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ମନ୍ଦୋଦରୀ କଲ୍ୟାଣ ମଣ୍ଡପରେ ସଂଘ ସଭାପତି କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ପାଲାଗାୟକ ଗଣେଶ ଦାସ, ମନମୋହନ ସାହୁ, ଅମର ସେଠୀ, ଲକ୍ଷ୍ମୀଧର ସାହୁ, ରାମଚନ୍ଦ୍ର ଜେନା, ରମାକାନ୍ତ ମଲ୍ଲିକ, ଶଶିକାନ୍ତ ଜେନା, ଗୟାଧର ସେଠୀ, ବାବୁରାମ ରାଉତ, ମିନତି ଦାସ, ତିଳୋତ୍ତମା ସାହୁ, ଅନିରୁଦ୍ଧ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶାନ୍ତିଲତାଙ୍କ ବିୟୋଗରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ଅପୂରଣୀୟ ରହିବ ବୋଲି କୁହାଯାଇଥିଲା।

# କପାଳୀ କ୍ଷେତ୍ରରେ ବାର୍ଷିକୋତ୍ସବ

ବନ୍ତ,୫।୪ (ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ଅଧୀନ ରାମଚନ୍ଦ୍ରପୁର ପଞ୍ଚାୟତର ନିମପଡ଼ାସ୍ଥିତ କପାଳୀକ୍ଷେତ୍ରଠାରେ ଅଧିଷ୍ଠିତ ଜଗନ୍ନାଥ ମନ୍ଦିର ପରିସରରେ ୩୦ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଷ୍ଟପ୍ରହରୀ ଅଖଣ୍ଡ ନାମ ସଂକୀର୍ତ୍ତନ ସାଙ୍ଗକୁ ଗାୟତ୍ରୀ ମହାଯଜ୍ଞ ହୋଇଥିଲା। ତିନିଦିନ ବ୍ୟାପୀ ଉତ୍ସବର ପ୍ରଥମ ଦିବସରେ ଶୁଭାଧିବାସ ସହ ନରେନ୍ଦ୍ର ପୁଷ୍କରିଣୀରୁ ଘଟୋତ୍ତଳନ କରାଯାଇ ଯଜ୍ଞ ଆରମ୍ଭ କରାଯାଇଥିଲା। ବିଶ୍ୱ ଶାନ୍ତି ପାଇଁ ଘୃତଯଜ୍ଞ, ବିଷ୍ଣୁଙ୍କ ସହସ୍ରନାମ ପାଠ, ଦାରୁବ୍ରହ୍ମଙ୍କ ନୂତନ ବେଶ ସହ ବିଶେଷ ନୀତି ହୋଇଥିଲା। ଶେଷ ଦିବସରେ ସର୍ବ ଦେବଦେବୀ ପୂଜା, ସୂର୍ଯ୍ୟ, ଗୋ ପୂଜା ସହ ଶ୍ରୀମଦ୍ ଭଗବତ୍ ଗୀତାପାଠ ସହ ଗାୟତ୍ରୀଙ୍କ ସହସ୍ରନାମ ପାଠ କରାଯାଇ ଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଥିଲା। ଜ୍ଞାନଦା କରଶର୍ମା ଓ ତାଙ୍କ ସ୍ତ୍ରୀ ଦମୟନ୍ତୀ ଯଜ୍ଞର ମୁଖ୍ୟ କଳସ ଆଣିଥିବା ବେଳେ ନାରାୟଣ ଚନ୍ଦ୍ର ବାରିକ ଅଷ୍ଟପ୍ରହରୀର ମୁଖ୍ୟକଳସ ଆଣିଥିଲେ। ପଣ୍ଡିତ ପଦ୍ମନାଭ ପଣ୍ଡା, ଧରଣୀଧର ଦ୍ୱିବେଦୀ ଓ ଅନ୍ନଦା କରଶର୍ମା ଯଜ୍ଞ କର୍ମ ସମ୍ପାଦନ କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା

ତିହିଡ଼ି, ୫।୪ (ସଞ୍ଜିତ ବଳ)

ତିହିଡ଼ିର ଇଣ୍ଡିଆନ ୱାରିଅର୍ସ ସଙ୍ଗଠନ ପକ୍ଷରୁ ଶୁକ୍ରବାର ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା କରାଯାଇଛି। ତିହିଡ଼ି ପୋଲିସ ସହଯୋଗରେ ଅନୁଷ୍ଠିତ ଶୋଭାଯାତ୍ରା ତହସିଲ ଛକରୁ ବ୍ଲକ ଛକ ଯାଏ ପରିକ୍ରମା କରିଥିଲା। ସଙ୍ଗଠନର କର୍ମକର୍ତ୍ତାମାନେ ହେଲ୍‌ମେଟ ବ୍ୟବହାର, ଗାଡ଼ି ଚଲାଇବା ବେଳେ ମୋବାଇଲରେ କଥା ନ ହେବା, ଦ୍ରୁତ ଗତିରେ ଏବଂ ମଦ୍ୟପାନ କରି ଗାଡ଼ି ନ ଚଲାଇବା ଉପରେ ସଚେତନ କରାଇଥିଲେ। ତିହିଡ଼ି ଥାନା ଏସ୍‌ଆଇ ଅରୁନ୍ଧତୀ ବେହେରା, ଏଏସ୍‌ଆଇ ଚିତ୍ତରଞ୍ଜନ ବାରିକ, ପ୍ରଧାନଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ର, ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ, ଶ୍ରୀକାନ୍ତ ପାତ୍ର, ଫିଲିପ କୁମାର ବେହେରା, ସଙ୍ଗଠନର ସଭାପତି ରମେଶ ଦାସ, ସମ୍ପାଦକ ସତ୍ୟନାରାୟଣ ସାବତ, ଉପସଭାପତି ସଞ୍ଜୟ ବାରିକଙ୍କ ସହ ଦୋଳଗୋବିନ୍ଦ ସେଠୀ, ଜିତେନ୍ଦ୍ର ବେହେରା, ତାପସ ବେହେରା, ଆଲୋକ ମହାଳିକ, ଲିଙ୍ଗରାଜ ନାୟକ ପ୍ରମୁଖ କର୍ମକର୍ତ୍ତା ଏବଂ ସ୍କୁଲ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସାମିଲ ଥିଲେ।



ତିହିଡ଼ିର ଇଣ୍ଡିଆନ ୱାରିଅର୍ସ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

# ପ୍ରତ୍ୟକ୍ଷ ଠାକୁରାଣୀ ମା' କୁଣ୍ଡିକାଳୀ

ଭଦ୍ରକ,୫।୪(ସନାତନ ରାଉତ)


ମା' କୁଣ୍ଡିକାଳୀ।

ପ୍ରତ୍ୟକ୍ଷ ଠାକୁରାଣୀ ମା' କୁଣ୍ଡିକାଳୀ। ମା'ଙ୍କ ଉପରେ ଭକ୍ତଙ୍କ ପ୍ରଗାଢ଼ ବିଶ୍ୱାସ। ଭକ୍ତଙ୍କ ଗୁହାରି ଶୁଣି ଫଳ ଯାଚି ଦିଅନ୍ତି ବୋଲି ବିଶ୍ୱାସ ରହିଛି। ଭଦ୍ରକ ସହରଠାରୁ ମାତ୍ର ୩ କି.ମି. ଦୂରରେ ସାଳନ୍ଦୀ ନଦୀର ଶାଖା କୁଣ୍ଡି ନଦୀ କୂଳରେ ବ୍ରହ୍ମପୁର ମୌଜାର ମାଳିଅରୁଆ ଗ୍ରାମରେ ମା'ଙ୍କ ପୀଠ। କିମ୍ବଦନ୍ତୀ ଅନୁଯାୟୀ ପ୍ରାୟ ୭୮ ବର୍ଷ ତଳେ କୁଣ୍ଡି ନଈ ମଧ୍ୟରୁ ମା'ଙ୍କ ଆବିର୍ଭାବ ହୋଇଥିଲା। କୁଣ୍ଡି ନଦୀରୁ ଆବିର୍ଭାବ ହୋଇଥିବାରୁ କୁଣ୍ଡିକାଳୀ ନାମକରଣ କରାଯାଇଥିଲା। ନଦୀ ପାଖ ଜଙ୍ଗଲରେ ଗୋଟିଏ ସ୍ଥାନରେ ଥିବା ବିରାଟ ବଟ, ବେଲ ଓ ନିମ୍ବ ବୃକ୍ଷ ନିକଟରେ ମା'ଙ୍କୁ ସ୍ଥାପନା କରିବା ପାଇଁ ମାଳିଅରୁଆ ଗ୍ରାମର ପୂଜକ ଉପେନ୍ଦ୍ର ପ୍ରସାଦ ବହଳୀଙ୍କୁ ସ୍ୱପ୍ନାଦେଶ ହୋଇଥିଲା। ପରେ ସେଠାରେ ମା'ଙ୍କୁ ସ୍ଥାପନା କରାଯାଇ ପୂଜାର୍ଚ୍ଚନା ଆରମ୍ଭ କରାଯାଇଥିଲା। ପରେ ପୀଠରେ ମା'ଙ୍କ ମନ୍ଦିର ନିର୍ମାଣ କରାଯାଇଛି।

ପୀଠରେ କାଳୀପୂଜା ବ୍ୟତୀତ ପ୍ରତ୍ୟେକ ଚତୁର୍ଦ୍ଦଶୀ ଓ ଅମାବାସ୍ୟା ତିଥିରେ ନାମ ସଂକୀର୍ତ୍ତନ ସହ ମାନସିକଧାରୀ ଶ୍ରଦ୍ଧାଳୁମାନେ ରାତି ଉଜାଗର ରହି ଦୀପ ଜାଳନ୍ତି। ଚୈତ୍ର ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ବାରୁଣୀ ଯଜ୍ଞ ମା'ଙ୍କ ପୀଠରେ ଅନୁଷ୍ଠିତ ହୋଇଥାଏ। ପୀଠରେ ଏହା ହେଉଛି ପ୍ରମୁଖ ପର୍ବ। ଶୁକ୍ରବାରଠାରୁ ଏହି ଯଜ୍ଞ ଆରମ୍ଭ ହୋଇଥିବା ବେଳେ ୫ଦିନ ଧରି ଚାଲିବ। ଏଥିପାଇଁ ପୀଠ ଉତ୍ସବମୁଖର ହୋଇଛି। ଏହି ଯଜ୍ଞରେ ବେଢ଼ା ପରିକ୍ରମା କଲେ ପୂର୍ବପୁରୁଷମାନେ ଉଦ୍ଧାର ପାଇବା ସହ ପାପ କ୍ଷୟ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି କାରଣରୁ ପ୍ରତ୍ୟେକ ବର୍ଷ ଯଜ୍ଞ ସମୟରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ଗରଦପୁର ଗ୍ରାମର ମାନସ କୁମାର ମିଶ୍ର କହନ୍ତି, ତାଙ୍କ ସ୍ତ୍ରୀ ଏକ ଅସାଧ ରୋଗରେ ପୀଡ଼ିତ ହୋଇ ବିଭିନ୍ନ ଡାକ୍ତର ଦେଖାଇ ମଧ ରୋଗ କମି ନ ଥିଲା। ମା'ଙ୍କୁ ଦର୍ଶନ କରି ତାଙ୍କ ନିକଟରେ ମାନସିକ କରିବା ପରେ ସେ ଉପଶମ ପାଇଛନ୍ତି। ପ୍ରତି ଚତୁର୍ଦ୍ଦଶୀ ତିଥିରେ ମା'ଙ୍କୁ ଦର୍ଶନ କରିବା ସହ ରାତି ଉଜାଗର ହୋଇ ଦୀପ ଜାଳନ୍ତି।

**ବାରୁଣୀ ଯଜ୍ଞ ପାଇଁ ପୀଠ ଉତ୍ସବମୁଖର**

**ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ**

ଯୋଡ଼ା,(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା ଘାଘରବେଡ଼ା ଅଞ୍ଚଳର ଭଲା ଗିରି ଯୋଡ଼ା ଆଟୁ ହାଟିଂରେ ରହୁଥିଲେ। ଗତ ୨ ଦିନ ହେବ ଯୋଡା ଅଞ୍ଚଳକୁ ଆସିଥିବା ଜଣେ ନାବାଳିକାଙ୍କୁ ସେ ଅପହରଣ କରି ବଳାତ୍କାର କରିଥିଲେ। ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୧୪୯/୨୪) ରୁଜୁ କରି ଭଲାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ସଂକ୍ଷେପରେ

### ଶାଶୁଙ୍କ ଶୁଦ୍ଧିକାର୍ଯ୍ୟକୁ ଯିବାବେଳେ ଦୁର୍ଘଟଣାରେ ବୋହୂଙ୍କ ମୃତ୍ୟୁ

ରାମଚନ୍ଦ୍ରପୁର,୫।୪(ଗଣେଶ୍ୱର ସା): କେନ୍ଦୁଝର ଜିଲା ଘଷିପୁରା ବ୍ଲକ୍ ଅନ୍ତର୍ଗତ ମଦନପୁର ପଞ୍ଚାୟତ ଗୋଡ଼ିପାଟଣା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଗ୍ରାମର ବାବାନ ସାହୁଙ୍କ ସ୍ତ୍ରୀ ରେବତୀ ସାହୁଙ୍କ ନବମ କ୍ରିୟାରେ ଯୋଗଦେବାକୁ ନାତି ସରୋଜ ସାହୁ ଓ ବୋହୂ ସୁରମା ସାହୁ କେନ୍ଦୁଝରରୁ ବାଇକ୍ (ଓଡି ୦୯ ଏକ୍ସ ୦୪୩୬) ଯୋଗେ ଆସୁଥିଲେ। ୨୦ ନଂ. ଜାତୀୟ ରାଜପଥ ଧକୋଠା ଓଭର ବ୍ରିଜ ନିକଟରେ ବାଇକରେ ୨ କୁକୁର ପଶି ଯାଇଥିଲେ। ଫଳରେ ବାଇକ୍ ନିୟନ୍ତ୍ରଣ ହରାଇ ରାଜପଥରେ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ସୁରମାଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରି ତଦନ୍ତ କରୁଥିବା ଥାନା ଅଧିକାରୀ ସୁନୀଲ କୁମାର କର କହିଛନ୍ତି।

### ଟ୍ରକ୍ ଧକ୍କାରେ ସ୍କୁଟି ଆରୋହୀଙ୍କ ମୃତ୍ୟୁ

କେନ୍ଦୁଝର,୫।୪(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ସିଲିସୁଆଁ ନିକଟରେ ଶୁକ୍ରବାର ଏକ ଟ୍ରକ୍ ଧକ୍କାରେ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ପଳାଶପଙ୍ଗା ବିଟ୍ ଅନ୍ତର୍ଗତ ରାଇକଳା ପଞ୍ଚାୟତ ଟାଙ୍ଗରାଣୀ ଗ୍ରାମର ରାହାଶ ବିହାରୀ ବ୍ରହ୍ମ(୭୦)। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସୂଚନା ମୁତାବକ, ରାହାଶ ବିହାରୀ କେନ୍ଦୁଝରରୁ ସ୍କୁଟି (ନଂ. ଓଡି ୦୯ ଏମ୍ ୪୭୮୯) ଯୋଗେ ଟାଙ୍ଗରାଣୀ ଅଭିମୁଖେ ଯାଉଥିଲେ। ସିଲିସୁଆଁ ହାଇୱେ ରେଷ୍ଟୁରାଣ୍ଟ ସମ୍ମୁଖ ବୁଲାଣି ନିକଟରେ ପଛପଟୁ ଏକ ଟ୍ରକ୍ (ନଂ. ଓଡି ୦୫ ପି ୪୫୮୫) ଧକ୍କା ଦେଇଥିଲା। ସେ ସ୍କୁଟିରୁ ରାସ୍ତାରେ ଛିଟିକି ପଡିବାରୁ ତାଙ୍କ ମୁଣ୍ଡରେ ଟ୍ରକ୍ ଚକ ମାଡ଼ି ଯାଇଥିଲା। ଏକ ମାମଲା(ନଂ.୨୫୫/୨୪) ରୁଜୁ ହୋଇଛି। ପୋଲିସ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣାଗ୍ରସ୍ତ ୨ ଗାଡି ଜବତ କରିବା ସହ ଟ୍ରକ୍ ଚାଳକଙ୍କୁ ଅଟକ ରଖି ତଦନ୍ତ କରୁଥିବା ଜଣାଯାଇଛି।

### ଜବତ ବାଲି ବୋଝେଇ ଟ୍ରାକ୍ଟର ଛଡ଼ାଇ ନେଲେ

ଆନନ୍ଦପୁର,୫।୪(ଉମେଶ ଚନ୍ଦ୍ର ପାଢ଼ୀ): କେନ୍ଦୁଝର ଜିଲା ଆନନ୍ଦପୁର, ଘସିପୁରା ତହସିଲ ଅନ୍ତର୍ଗତ ଦେଓଗାଁ ସୀମାନ୍ତ କୁଶେଇ ନଦୀର ଡିହସାହି ପାର୍ଶ୍ୱରୁ ବାଲି ଚୋରାଚାଲାଣ ବେଳେ ଜବତ ଟ୍ରାକ୍ଟରକୁ ବାଲି ବ୍ୟବସାୟୀ ଚଢ଼ାଇ ନେଇଛନ୍ତି। ଏ ନେଇ ପୋଲିସ ପକ୍ଷରୁ ତଦନ୍ତ ଚାଲିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଘସିପୁରା ବ୍ଲକ୍ ମଦନପୁର ପଞ୍ଚାୟତ କାନପୁର ଓ ଯାଜପୁର ଜିଲାର ବାଦିବିଲ ଅଞ୍ଚଳର ୧୦ରୁ ଊର୍ଦ୍ଧ୍ୱ ଟ୍ରାକ୍ଟରରେ ନିୟମିତ ବାଲିଚାଲାଣ କରାଯାଉଛି। ଖବର ପାଇ ଘସିପୁରା ତହସିଲଦାର ନୀଳକଣ୍ଠ ବେହେରା ପୋଲିସ ସହାୟତାରେ ଚଢ଼ାଉ କରି ଏକ ଟ୍ରାକ୍ଟରକୁ ଜବତ କରିଥିଲେ। ତାହାକୁ ବାଲି ମାଫିଆମାନେ ଛଡ଼ାଇ ନେଇଥିବା ଜଣାପଡ଼ିଛି। ଏହି ସମୟରେ ପୋଲିସ ସହ ବାଲି ମାଫିଆଙ୍କ ହାତାହାତି ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଦୁର୍ବୃତ୍ତଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା ତହସିଲଦାର କହିଛନ୍ତି।

# ଜିଲାରେ ୧୭୯ ବୁଥ୍ ସମ୍ବେଦନଶୀଳ

**ନିର୍ବାଚନ ପରିଚାଳନା ପ୍ରସ୍ତୁତି**

**ନିର୍ବାଚନ ସୁପରିଚାଳନା ନିମନ୍ତେ ସହାୟତା କେନ୍ଦ୍ର ଖୋଲିଛି**

କେନ୍ଦୁଝର,୫।୪(ନରେଶ ଚନ୍ଦ୍ର ପଟ୍ଟନାୟକ)



ସମ୍ମିଳନୀରେ ଉପସ୍ଥିତି ଜିଲାପାଳ ବିଶାଳ ସିଂହ, ଏସ୍‌ପି ନୀତିନ କୁଶଳକର ଓ ଅନ୍ୟମାନେ।

କେନ୍ଦୁଝର ଜିଲାପାଳ ବିଶାଳ ସିଂହ ଶୁକ୍ରବାର ମିନି କନ୍‌ଫରେନ୍ସ ହଲରେ ଗଣମାଧ୍ୟମର ପ୍ରତିନିଧିଙ୍କୁ ଜିଲାର ନିର୍ବାଚନ ପରିଚାଳନା ନିମନ୍ତେ ପ୍ରଶାସନିକସ୍ତରରେ ଚାଲିଥିବା ପ୍ରସ୍ତୁତି ସମ୍ବନ୍ଧରେ ସୂଚନା ଦେଇଛନ୍ତି। ଜିଲାରେ ମୋଟ ୧୭୯ ଟି ଗମ୍ଭୀର /ସମ୍ବେଦନଶୀଳ ମତଦାନ କେନ୍ଦ୍ର ରହିଛି। ଜିଲାର ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀର ଷ୍ଟ୍ରଙ୍ଗ ରୁମ ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିଥିବା କହିଛନ୍ତି।

ଭାରତ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ଘୋଷଣା ଅନୁଯାୟୀ, କେନ୍ଦୁଝର ଲୋକସଭା ଆସନ, ଜିଲାର ୬ ବିଧାନସଭା କ୍ଷେତ୍ର ଏବଂ ସଂସଦୀୟ କ୍ଷେତ୍ରରେ ଅନ୍ତର୍ଭୁକ୍ତ ମୟୂରଭଞ୍ଜ ଜିଲାର କରଞ୍ଜିଆ ବିଧାନସଭା ମଣ୍ଡଳୀ ନିମନ୍ତେ ଏପ୍ରିଲ ୨୯ ରେ ବିଜ୍ଞପ୍ତି ପ୍ରକାଶ ପାଇବ। ପ୍ରାର୍ଥୀମାନେ ନିଜର ନାମାଙ୍କନପତ୍ର ମଇ ୬ ପର୍ଯ୍ୟନ୍ତ ଦାଖଲ କରିପାରିବେ, ୯ ତାରିଖ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବେ। ମଇ ୨୫ରେ ନିର୍ବାଚନ ହୋଇ ଜୁନ୍ ୪ ତାରିଖରେ ଫଳାଫଳ ଘୋଷଣା ହେବ। ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ଜିଲାସ୍ତରରେ ପୋଲିସ, ଅବକାରୀ, ବନ ଓ ସିଟି ଓ ଜିଏସଟି ବିଭାଗର ଅଧିକାରୀଙ୍କୁ ନେଇ ବିଭିନ୍ନ ସ୍କ୍ୱାର୍ଡ ଗଠନ କରାଯାଇ ଧରପଗଡ଼ ଚାଲୁ ରହିଛି ବୋଲି ସୂଚନା ଦେଇଥିଲେ। ଇଭିଏମ ଓ ଭିଭିପାଟର ପ୍ରଥମ ରାଣ୍ଡମାଇଜେସନ ଚଳିତ ମାସ ୮ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ସମ୍ପାଦିତ କରାଯାଇ ରିଟର୍ଣ୍ଣିଙ୍ଗ ଅଫିସରଙ୍କ ଅଧୀନ ଷ୍ଟ୍ରଙ୍ଗ ରୁମକୁ ପ୍ରେରଣ କରାଯିବ। ନିର୍ବାଚନର ସୁପରିଚାଳନା ନିମନ୍ତେ ବିଭିନ୍ନ କକ୍ଷ ଯଥା ସୁବିଧା ସେଲ, ଜିଲା ଯୋଗାଯୋଗ କେନ୍ଦ୍ର, ଆଦର୍ଶ ଆଚରଣ ବିଧି କକ୍ଷ, ମିଡିଆ ସାର୍ଟିଫିକେସନ ଆଣ୍ଡ ମନିଟରିଂ କମିଟି ଓ ସମନ୍ୱିତ ପରିଚାଳନା ଗୃହ ଇତ୍ୟାଦି କାର୍ଯ୍ୟ କରୁଛି। ଯେଉଁ ଭୋଟରଙ୍କ ପାଖରେ ନିଜର ଭୋଟ ପରିଚୟପତ୍ର ନାହିଁ ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ଆଧାର, ପ୍ୟାନ, ଡ୍ରାଇଭିଂ ଲାଇସେନ୍ସ ଆଦି ଭଳି ମୋଟ ୧୨ ଗୋଟି ପରିଚୟପତ୍ର ମଧ୍ୟରୁ ଗୋଟିଏ ଦେଖାଇ ଭୋଟ ଦେଇ ପାରିବେ। ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ କାର୍ଯ୍ୟପନ୍ଥା ବାବଦରେ ଜିଲାପାଳ ସୂଚନା ଦେଇଥିଲେ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଭୋଟର, ନିର୍ବାଚନ ପରିଚାଳନା ନିମନ୍ତେ ନିୟୋଜିତ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା କହିଥିଲେ। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ବିକାଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।

### ସି-ଭିଜିଲରେ ୩୮ ଅଭିଯୋଗରୁ ୨୮ ସତ୍ୟ

ଆଦର୍ଶ ଆଚରଣ ବିଧି ଖିଲାପ କରିଥିବା ନେଇ ହୋଇଥିବା ୩୮ ଅଭିଯୋଗ ମଧ୍ୟରୁ ୨୮ ଟିରେ ସତ୍ୟତା ଥିବା ଜଣାପଡ଼ିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜିଲାପାଳ ବିଶାଳ ସିଂହ ସୂଚନା ଦେଇଛନ୍ତି। ଅବଶିଷ୍ଟ ୧୦ ଟି କେସ ଡ୍ରପ ହୋଇଥିବା ଜଣାପଡ଼ିଛି। ସର୍ବାଧିକ ତେଲକୋଇ ନିର୍ବାଚନ ମଣ୍ଡଳୀରେ ୧୭ ଅଭିଯୋଗରୁ ୧୧ ସତ୍ୟ, ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ସମୁଦାୟ ୧୨ରୁ ୧୦ ସତ୍ୟ, ଚମ୍ପୁଆ ନିର୍ବାଚନ ମଣ୍ଡଳୀର ୪ କେସ ମଧ୍ୟରୁ ୩ ସତ୍ୟ, କେନ୍ଦୁଝର ନିର୍ବାଚନମଣ୍ଡଳୀରେ ୨ ଟି ଯାକ ସତ୍ୟ, ପାଟଣା ନିର୍ବାଚନ ମଣ୍ଡଳୀରେ ୨ ରୁ ୧ ସତ୍ୟ, ଘଷିପୁରା ନିର୍ବାଚନମଣ୍ଡଳୀରେ ୧ କେସର ସତ୍ୟତା ଥିବା ଜଣାପଡ଼ିଥିବା ଜିଲାପାଳ ସୂଚନା ଦେଇଛନ୍ତି । ସି-ଭିଜିଲ ଆପ ଜରିଆରେ ଏହି ସବୁ ଅଭିଯୋଗ ଆସିଥିବା ଜଣାପଡ଼ିଛି।

# ବନ୍ୟପ୍ରାଣୀ, ଜଙ୍ଗଲ ସୁରକ୍ଷାକୁ ଗୁରୁତ୍ୱ

**ବନ, ବିଦ୍ୟୁତ ବିଭାଗ, ଖଣି କମ୍ପାନୀର ସମନ୍ୱୟ ବୈଠକ**

ଯୋଡ଼ା,୫।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ବନ, ବିଦ୍ୟୁତ୍ ବିଭାଗ ଓ ଖଣି କମ୍ପାନୀ ପକ୍ଷରୁ ବନ୍ୟପ୍ରାଣୀ ଓ ଜଙ୍ଗଲକୁ ଗୁରୁତ୍ୱ ଦିଆଯାଇଛି। ଏ ନେଇ ଯୋଡ଼ା ବ୍ଲକ୍ ବିଲେଇପଦାଠାରେ ପୃଥକ ଭାବରେ ବିଦ୍ୟୁତ୍ ଟ୍ରାନ୍ସମିଶନ ଲାଇନ ନ ନେଇ କିପରି ମଲ୍ଟି ସର୍କିଟ ସର୍ଭିସ ଟ୍ରାନ୍ସମିଶନ ଲାଇନର ଉପଯୋଗ ହୋଇପାରିବ ସେ ନେଇ ଶୁକ୍ରବାର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆରସିସିଏଫ ରାଉରକେଲା ପିରାମ ସାମୀଙ୍କ ଅଧ୍ୟକ୍ଷତାରେ କେନ୍ଦୁଝର ଡିଏଫଓ ଏଚ୍‌ଡ଼ି ଧନ୍‌ରାଜ, ବଣେଇ ଡିଏଫଓ ଲଳିତ ପାତ୍ର, ଏସିଏଫ ଅଶୋକ ଦାସ ଓ ଜିତେନ୍ଦ୍ର ବେହେରା, ଚମ୍ପୁଆ ରେଞ୍ଜର ଅକ୍ଷୟ ଛତ୍ରିଆ, ବଡ଼ବିଲ ରେଞ୍ଜର ରଞ୍ଜନ କାର୍ଲୋ, ବିଲେଇପଦା ଫରେଷ୍ଟର ମୋହିନୀ ମହାନ୍ତ, ଓପିଟିସିଏଲ, ପାୱାର ଗ୍ରୀଡ୍, ଟାଟା ପାୱାରର ଅଧିକାରୀଙ୍କ ସମେତ ଯୋଡ଼ା ଏବଂ କୋଇଡ଼ା ଖଣି କ୍ଷେତ୍ରର ରୁଙ୍ଗଟା ମାଇନସ, ଜେଏସଡବ୍ଲ୍ୟୁ ଷ୍ଟିଲ, ଟାଟାଷ୍ଟିଲ ମାଇନ୍ସ ଡିଭିଜନ, ନାର୍ଭେରାମ ପାୱାର, ଆର୍ସେଲର ମିତ୍ତଲ, ଜେଏସପିଏଲ, ଓଏମ୍‌ସି, ତ୍ରିବେଣୀ ଆର୍ଥ ମୁଭର୍ସ, କାଶଭି ଖଣି, ଶ୍ରୀ ମେଟାଲିକସ ଓ ଏମଏସପି କେନ୍ଦୁଝର ଭଳି ୧୧ ଖଣି କମ୍ପାନୀର ଅଧିକାରୀ ଯୋଗ ଦେଇଥିଲେ। ଖଣି ଅଞ୍ଚଳରେ ଯେଉଁ କମ୍ପାନୀଗୁଡ଼ିକ ସିଙ୍ଗଲ ଟ୍ରାନ୍ସମିଶନ ଲାଇନ ବ୍ୟବହାର କରୁଛନ୍ତି ସେମାନେ କିପରି ମଲ୍ଟି ସର୍କିଟ ସର୍ଭିସ ଟ୍ରାନ୍ସମିଶନ ଲାଇନର ବ୍ୟବହାର କରି ପାରିବେ, ଏ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ବିଶେଷ କରି ଜଙ୍ଗଲ ଦେଇ ଯାଇଥିବା ଟ୍ରାନ୍ସମିଶନ ଲାଇନ ଗୁଡିକୁ ପ୍ରାଥମିକତା ଦେଇ ମଲ୍ଟି ସର୍କିଟ ସର୍ଭିସ ଟ୍ରାନ୍ସମିଶନ ଲାଇନର ସମ୍ଭାବନାକୁ ଆପଣାଇବା ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଥିଲା। ଯାହାଦ୍ୱାରା ବନ୍ୟପ୍ରାଣୀ ସୁରକ୍ଷିତ ରହିବା ସହ ଜଙ୍ଗଲର ସଂରକ୍ଷଣ ହୋଇପାରିବ ବୋଲି କେନ୍ଦୁଝର ଡିଏଫଓ କହିଥିଲେ। କିଛି କମ୍ପାନୀ ମଧ୍ୟ ସହମତି ପ୍ରଦାନ କରିଥିବା ସେ କହିଥିଲେ।

# ବୟସର ଅପରାହ୍ନରେ ଜୀବନ ପାଇଁ ସଂଘର୍ଷ



୩ ବୃଦ୍ଧା ଗ୍ରାମ ନିକଟ ଜଙ୍ଗଲରୁ ଚାଳେଣି କାଠ ସଂଗ୍ରହ କରି ଫେରୁଛନ୍ତି।

ହାଟଡିହୀ,୫।୪(ଶୁଭକାନ୍ତ ନାୟକ)

ବୟସ ୬୦ ପାର ହେଲାଣି। ଚାଲିବାକୁ ଦେହରେ ବଳ ନାହିଁ। ତଥାପି ବୃଦ୍ଧା ବୟସରେ ଜୀବନ ପାଇଁ ସଂଘର୍ଷ କରୁଛନ୍ତି। ସଳଖି ବାଟ ଚାଲିବାର ସାହସ ଏବଂ ଦେହରେ ବଳ ନ ଥିଲେ ବି ପେଟ ଚାଖଣ୍ଡ ପାଇଁ ବନ ଜଙ୍ଗଲ ଯାଇ କାଠ ସଂଗ୍ରହ କରୁଛନ୍ତି। ଯେଉଁ ବୟସରେ ଘରେ ରହି ବିଶ୍ରାମ ନେବା କଥା ତାହା ଏମାନଙ୍କ କ୍ଷେତ୍ରରେ ଓଲଟା ହୋଇଛି। ଏଭଳି ଅଭାବନୀୟ ଘଟଣା କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଇଞ୍ଜୋଳ ପଞ୍ଚାୟତ ଇଞ୍ଜୋଳ ଗ୍ରାମରେ ଦେଖିବାକୁ ମିଳିଛି।

ଗ୍ରାମର ଜୁଳି ଯେନା, ଟିକିଲି ଯେନା, ସତ୍ୟଭାମା ଯେନା ମୁଣ୍ଡ ଫଟା ଖରାକୁ ଖାତିର ନ କରି ପ୍ରତିଦିନ ଜାଳେଣି କାଠ ସଂଗ୍ରହ କରିବାକୁ ଜଙ୍ଗଲକୁ ଯାଇଥାନ୍ତି। କାଠ ଆଣିଲେ ଏମାନଙ୍କ ଘରେ ଚୁଲି ଜଳେ ଏବଂ ପେଟକୁ ଦାନା ଯାଏ। ତେଣୁ ଖରାକୁ ଖାତିର ନ କରି ପ୍ରତ୍ୟକ ଦିନ ସକାଳୁ ଘରୁ ବାହାରି ପଡ଼ନ୍ତି। ସେମାନଙ୍କ କହିବା ଅନୁଯାୟୀ, ଘର ଡିହ ଖଣ୍ଡକ ବ୍ୟତିତ ଅନ୍ୟ କିଛି ସମ୍ବଳ ନାହିଁ। ପଞ୍ଚାୟତରୁ ଭତ୍ତା ମିଳୁନାହିଁ କି ସରକାରୀ ଆବାସ ବି ମିଳିନି। ଅନ୍ୟ ଘରେ ମୂଲ, ମଜୁରୀ ଲାଗି ଦୁଃଖ କଷ୍ଟରେ ଜୀବନ ଅତିବାହିତ କରୁଛନ୍ତି। ରୋଷେଇ କରିବା ପାଇଁ ଗାଁଠାରୁ ଅନତି ଦୂରକୁ ଯାଇ ଜାଳେଣି କାଠ ସଂଗ୍ରହ କରୁଛନ୍ତି। ସବୁଦିନ ଆମକୁ ଏପରି କାର୍ଯ୍ୟ କରିବାକୁ ପଡୁଛି କହି ୩ ବୃଦ୍ଧା ଦୁଃଖ ପ୍ରକାଶ କରିଥିଲେ। ପରିବରରେ ପୁଅ, ବୋହୂ, ନାତି ଥିଲେ ବି ଗରିବ ଶ୍ରେଣୀର ହୋଇଥିବାରୁ ନିଜ ପରିବାର ଚଳାଇବା କଷ୍ଟ ହୋଇଯାଉଛି। ସରକାର ଦୃଷ୍ଟି ଦେଇ ସହଯୋଗ କରିବାକୁ ଏମାନେ ନିବେଦନ କରିଛନ୍ତି। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମୁଲ୍ୟ ପହି କହିଛନ୍ତି, ଏମିତି ଘଟଣା ନଜରକୁ ଆସିନି। ଅନୁଧ୍ୟାନ କରାଯାଇ ସହାୟତା ପ୍ରଦାନ କରାଯିବ।

### ଦୁର୍ଘଟଣା ପରେ ପୋଲିସକୁ ଆକ୍ରମଣ ଘଟଣାରେ ୯ ଗିରଫ

କେନ୍ଦୁଝର,୫।୪(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ବିନିଦା ଗ୍ରାମରେ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ପରେ ସ୍ଥାନୀୟ ଲୋକ ଟ୍ରକ୍ ଜାଳି ଦେବା ସହ ଜଣେ ପୋଲିସ ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଘଟଣାରେ ଶୁଆକାଟି ଫାଣ୍ଡିର କନଷ୍ଟେବଲ ସୁକୁମାର ସାହୁଙ୍କ ଏତଲା ଆଧାରରେ ସଦର ପୋଲିସ ୯ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିନିଦା ଗ୍ରାମର ସୁକୁରା ଦେହୁରୀ(୪୩), ସର୍ଭିସ ପ୍ରଧାନ(୨୭), ପବନ ପ୍ରଧାନ(୨୬), ସନାତନ ପ୍ରଧାନ(୩୮), ବୈଶାଗୁ ଦେହୁରୀ(୩୫), ତରଣୀସେନ ପ୍ରଧାନ (୨୪), କୃପାସିନ୍ଧୁ ବେହେରା(୧୯), ମଗୁଣିର ଦେହୁରୀ(୩୬) ଏବଂ ଆମୁଣି ଗ୍ରାମର ଗୌରାଙ୍ଗ ଦେହୁରୀ (୨୨)। ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ତ୍ରିନାଥ ସେଠୀ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, କେନ୍ଦୁଝର ସଦର ଥାନା ରାଇଗୋଡ଼ା ପଞ୍ଚାୟତ ଅଧୀନସ୍ଥ ଅଁରା-ରାଇଗୋଡ଼ା ରାସ୍ତାର ଅରଡେଇ ପୋଲ ନିକଟରେ ବୁଧବାର ରାତିରେ ଏକ ହାଇୱା ଧକ୍କାରେ ବାଇକ୍ ଆରୋହୀ ସନ୍ତୋଷ ଦେହୁରୀ(୨୨)ଙ୍କ ମୃତ୍ୟୁ ଘଟିଥିଲା। ଏହାକୁ କେନ୍ଦ୍ର କରି ବିନିଦା ଗ୍ରାମର ଲୋକେ ବିଳମ୍ବିତ ରାତି ପର୍ଯ୍ୟନ୍ତ ରାସ୍ତାରୋକ କରିବା ସହ ଦୁର୍ଘଟଣା ଘଟାଇଥିବା ହାଇୱା (ଓଡ଼ି-୦୯ଜେଡ୍-୧୯୦୮) କୁ ନିଆଁ ଲଗାଇ ଦେଇଥିଲେ। ଖବର ପାଇ ଶୁଆକାଟି ଫାଣ୍ଡି ଅଧିକାରୀ ଫୁଲଜେନସ ଟିଗା ଓ ପୋଲିସ କର୍ମଚାରୀ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବାବେଳେ ୩୦ ରୁ ୪୦ଲୋକ ଠେଙ୍ଗାରେ ଫାଣ୍ଡି ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ଫାଣ୍ଡି ଅଧିକାରୀଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା।

# ଭାଜପା କେନ୍ଦୁଝର ଏମ୍‌ପି ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧନା




ବଡ଼ବିଲ ଭାଜପା କାର୍ଯ୍ୟାଳୟରେ ମଞ୍ଚାସୀନ ଭାଜପା ନେତୃବୃନ୍ଦ ।

ବଡ଼ବିଲ,୫।୪(ଦେବପ୍ରିୟ ରଣା)

**ଜିଲାର ଅଧୁରା କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟ: ଅନନ୍ତ**

କେନ୍ଦୁଝର ଜିଲା ବଡ଼ବିଲରେ ଶୁକ୍ରବାର ଭାଜପାରୁ କେନ୍ଦୁଝର ଏମ୍‌ପି ପ୍ରାର୍ଥୀ ଅନନ୍ତ ନାଏକଙ୍କୁ ବଡ଼ବିଲ ନଗର ମଣ୍ଡଳ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଭାଜପା କେନ୍ଦୁଝର ଜିଲା ସଭାପତି ସବୁଜବର୍ମା ମହାନ୍ତ ଓ ଭାଜପାରୁ କେନ୍ଦୁଝର ଏମ୍‌ପି ପ୍ରାର୍ଥୀ ବଡ଼ବିଲ ଭାଜପା କାର୍ଯାଳୟରେ ପହଞ୍ଚିଥିଲେ। ବଡବିଲ ଭାଜପା ନଗର ମଣ୍ଡଳ ସଭାପତି ବାବୁଲା ସାହୁ ଓ ଦେବପ୍ରସାଦ ମିଶ୍ର ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ଉଭୟଙ୍କୁ ସ୍ୱାଗତ କରିଥିଲେ। ଅନୁଷ୍ଠିତ ବୈଠକରେ ଭାଜପା ବଡବିଲ ନଗର ମଣ୍ଡଳର ସମସ୍ତ କାର୍ଯ୍ୟକର୍ତ୍ତା, କର୍ମୀ ଯୋଗଦେଇଥିଲେ। ରାଜ୍ୟ ନେତ୍ରୀ ଶ୍ରଦ୍ଧାଞ୍ଜଳି କର, ରାଜ୍ୟନେତା ଦିଲୀପ ମିଶ୍ର, ସନ୍ୟାସୀ ମାଝୀ ପ୍ରମୁଖ ମଞ୍ଚାସୀନ ହୋଇ ପ୍ରଧାନମନ୍ତ୍ରୀଙ୍କ 'ଅବକି ବାର ୪ ଶହ ପାର' ସ୍ଲୋଗାନ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଗନୁ ମହାନ୍ତ ଓ ରାଜୁ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ପରେ ଗଣମାଧ୍ୟମକୁ ସମ୍ବୋଧିତ କରି ନାଏକ କହିଥିଲେ, ଭାଜପା ରାଜ୍ୟରେ ସରକାର ଗଢ଼ିବ। ଜିଲାରେ ଅଧୁରା ରହିଯାଇଥିବା ବିଭିନ୍ନ ପ୍ରକଳ୍ପ ଗୁଡ଼ିକ ସମ୍ପୂର୍ଣ୍ଣ କରିବା, କୃଷିରେ ଉନ୍ନତି, ଏଜୁକେଶନାଲ ହବ, ନୂଆ ରେଳ ଲାଇନ ଓ ସର୍ବାଙ୍ଗୀନ ଉନ୍ନତୀ ଘଟିବ ବୋଲି କହିଛନ୍ତି।

# ଜଙ୍ଗଲରୁ ମୋରମ ଚାଲାଣ ବେଳେ ଜେସିବି, ହାଇୱା ଜବତ

ଚମ୍ପୁଆ,୫।୪(ମହେଶ୍ୱର ଦାସ)

କେନ୍ଦୁଝର ଚମ୍ପୁଆ ତହସିଲ ଅଧୀନସ୍ଥ ଦୋଲିତା ଜଙ୍ଗଲ ଭିତରୁ ବିନା ଅନୁମତିରେ ମୋରମ ଉଠାଣ ବେଳେ ତହସିଲ ପକ୍ଷରୁ ଜେସିବି ଓ ହାଇୱା ଜବତ ହୋଇଛି। ଶୁକ୍ରବାର ସକାଳେ ଦୋଲିତା ଜଙ୍ଗଲ ଭିତରେ ଏକ ହାଇୱା ମାଧ୍ୟମରେ ଜେସିବି ମେସିନ ଦ୍ୱାରା ମୋରମ ଉଠା ଯାଉଥିଲା। ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଏ ନେଇ ରାଜସ୍ୱ ବିଭାଗକୁ ଅବଗତ କରିବାରୁ ରାଜସ୍ୱ ନିରୀକ୍ଷକ ସମ୍ପଦ ପ୍ରଧାନ ଘଟଣାସ୍ଥଳକୁ ଯାଇ ଗାଡି ଦୁଇଟିକୁ ଜବତ କରି କାର୍ଯ୍ୟାଳୟକୁ ଆଣିଥିଲେ। ଉଠା ଯାଉଥିବା ମୋରମଗୁଡ଼ିକ ରିମୁଲିରୁ ଚମ୍ପୁଆ ଚାଲିଥିବା ରାଜପଥ ମରାମତି କାର୍ଯ୍ୟରେ ବ୍ୟବହାର କରାଯିବାକୁ ଥିବା ଜଣାଯାଇଛି। ଏ ନେଇ ଚମ୍ପୁଆ ତହସିଲଦାର ଧର୍ମେନ୍ଦ୍ର ସତପଥିଙ୍କୁ ପଚାରିବାରୁ ମୋରମ ଉଠାଯାଉଥିବା ସ୍ଥାନଟି ଅନାବାଦି ଜାଗା ଅଟେ। ଏଥିପାଇଁ କୌଣସି ଅନୁମତି ଦିଆଯାଇ ନ ଥିବାରୁ ଗାଡି ଜବତ କରାଯିବା ସହିତ ଜରିମାନା ଆଦାୟ କରାଯିବ ବୋଲି କହିଛନ୍ତି।

# ମହିଳାଙ୍କୁ ନିର୍ଯାତନା, କାର୍ଯ୍ୟରୁ ବହିସ୍କାର ଧମକ

କେନ୍ଦୁଝର,୫।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

**ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ**

କେନ୍ଦୁଝର ଜିଲା ଗୋନାସିକା ଅନୁସୂଚିତଜାତି ଓ ଜନଜାତି ବିଭାଗ ସରକାରୀ ବିଦ୍ୟାଳୟରେ ସିସିଏ ଭାବେ କାର୍ଯ୍ୟରତ ମହିଳାଙ୍କୁ ପ୍ରଧାନ ଶିକ୍ଷକ ଶାରିରୀକ ନିର୍ଯାତନା ଦେଉଛନ୍ତି। ଏଥି ସହିତ କଥା ନମାନିଲେ କାର୍ଯ୍ୟରୁ ବହିସ୍କାର କରିଦେବାକୁ ଧମକ ଦେଉଥିବା ନେଇ କାଞ୍ଚିପାଣି ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବିଦ୍ୟାଳୟରେ ସ୍ଥାନୀୟ ଗୁପ୍ତଗଙ୍ଗା ଗ୍ରାମର ଭାନି ଜୁଆଙ୍ଗ ୨୦୦୯ ଠାରୁ ସିସିଏ ଭାବେ କାର୍ଯ୍ୟରତ ଅଛନ୍ତି। ୨୦୨୨ ଜୁଲାଇରେ ଯୋଗଦେଇଥିବା ପ୍ରଧାନ ଶିକ୍ଷକ ଭାନୀଙ୍କୁ ବିଳମ୍ବିତ ରାତିରେ କୋଠରୀକୁ ଡାକି ଶାରୀରିକ ସମ୍ପର୍କ ରଖିବାକୁ କହୁଥିବାବେଳେ ଆଶାଳୀନ ଅସଭ୍ୟ ଭାଷା ପ୍ରୟୋଗ, ଇଙ୍ଗିତ କରୁଛନ୍ତି। ଏସବୁକୁ ବିରୋଧ କରିବାରୁ ପ୍ରଧାନଶିକ୍ଷକ କାର୍ଯ୍ୟରୁ ବହିସ୍କାର କରିବାକୁ ଧମକ ଦେଉଥିବା ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣା ଭାନୀଙ୍କ ପରିବାର ଲୋକଙ୍କୁ କହିବାରୁ ଶୁକ୍ରବାର କାଞ୍ଚିପାଣି ଥାନାରେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଲିଖିତ ଅଭିଯାଗେ କରିଛନ୍ତି। ଫୋନ ରେକର୍ଡିଂ ତଥ୍ୟ ଆଧାରରେ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ଅଞ୍ଜନ ପାତ୍ର କହିଛନ୍ତି।

# କୁଡୁମୀ ସମାଜ ପକ୍ଷରୁ ଶହୀଦ ଦିବସ



ପାଟଣା,୫।୪(ବୀର କିଶୋର ଦାଶ): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଧାନବେଣି ଛକଠାରେ ଶହୀଦ ରଘୁନାଥ ମହତୋଙ୍କ ପ୍ରତିମୂର୍ତ୍ତି ସନ୍ନିକଟରେ ଶୁକ୍ରବାର ୨୪୬ତମ ଶହୀଦ ଦିବସ ପାଳିତ ହୋଇଯାଇଛି। କୁଡୁମୀ ସମାଜ ପକ୍ଷରୁ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ହୃଷୀକେଶ ନାଏକ, ସମ୍ମାନିତ ଅତିଥିଭାବେ ଜିଲା ଆଦିବାସୀ କଂଗ୍ରେସ ସଭାପତି ଇଂ. ବିନୋଦ ବିହାରୀ ନାଏକ ଯୋଗଦେଇ ଶହୀଦ ରଘୁନାଥ ମହତୋଙ୍କ ଚୁହାଡ ବିଦ୍ରୋହକୁ ପାଠ୍ୟ ପୁସ୍ତକରେ ଅନ୍ତର୍ଭୁକ୍ତ କରିବାକୁ ଦାବି କରିଥିଲେ। କଂଗ୍ରେସ ନେତା ଲକ୍ଷ୍ମଣ ଦାଶ, ଶିକ୍ଷାବିତ୍ କୈଳାଶ ଚନ୍ଦ୍ର ବାରିକ, ଦ୍ରୌପଦୀ ମହାନ୍ତ, ଅବସରପ୍ରାପ୍ତ ଶିକ୍ଷକ ଶୁକାନ୍ତ ମହାନ୍ତ, ରବି ନାରାୟଣ ବାଘେଲ ପ୍ରମୁଖ ଉପସ୍ଥିତ ଥିଲେ। ଆଦିବାସୀ କୁଡୁମୀ ସମାଜର ଡ଼. ପ୍ରତାପ ଚନ୍ଦ୍ର ମହାନ୍ତ ପରିଚାଳନା କରିଥିଲେ। କୁଡୁମୀ ସେନା ପକ୍ଷରୁ ମିତ୍ରଭାନୁ ମହାନ୍ତଙ୍କ ନେତୃତ୍ୱମଧ ଶହୀଦଦିବସ ପାଳିତହୋଇଛି।

# ରାସନକାର୍ଡରେ ମୋବାଇଲ ନମ୍ବର ସଂଯୋଗ ପାଇଁ ଭିଡ଼

କେନ୍ଦୁଝର,୫।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

ସମଗ୍ର ରାଜ୍ୟ ତଥା କେନ୍ଦୁଝର ଜିଲାରେ ଅସହ୍ୟ ଗରମ ଗୁଳିଗୁଳି ସାଙ୍ଗକୁ ଗ୍ରୀଷ୍ମ ପ୍ରଭାବ ଜାରି ରହିଛି। ଦିନ ସାରା ବିଭିନ୍ନ ସ୍ଥାନରେ ୪୦ ଡିଗ୍ରୀ ଉପରେ ତାପମାତ୍ରା ରହିଥିବାବେଳେ ଲୋକେ ଅସ୍ତବ୍ୟସ୍ତ ହୋଇ ପଡୁଛନ୍ତି। ଦୁର୍ଭାଗ୍ୟର ବିଷୟ ଏହି ସମୟରେ କେନ୍ଦୁଝର ସଦର ବ୍ଲକ୍ ଅଧିକାରୀ ରାସନକାର୍ଡରେ ମୋବାଇଲ ନମ୍ବର ସଂଯୋଗ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିବାରୁ ବ୍ଲକ୍ ଓ ସେବାକେନ୍ଦ୍ର ମାନଙ୍କରେ ରାସନକାର୍ଡଧାରୀଙ୍କ ପ୍ରବଳ ଭିଡ଼ ଲାଗି ରହୁଛି। ସକାଳ ୮ଟାରୁ ବ୍ଲକ୍‌ରେ ଭିଡ ଜମୁଥିବା ଲକ୍ଷ କରାଯାଇଛି। ୭୦ରୁ ୮୦ ବର୍ଷର ବୃଦ୍ଧାବୃଦ୍ଧଙ୍କଠାରୁ ଆରମ୍ଭ କରି ମହିଳାମାନେ କୋମଳମତି ଶିଶୁଙ୍କୁ ଧରି ଲାଇନ୍‌ରେ ଛିଡ଼ା ହେବା ଦେଖିବାକୁ ମିଳୁଛି।



ବ୍ଲକ୍ କାର୍ଯ୍ୟାଳୟରେ ଏକାଠି ହୋଇଥିବା ଜନସାଧାରଣ।

ସରପଞ୍ଚ ଓ ନିର୍ବାଚିତ ପ୍ରତିନିଧିମାନଙ୍କୁ ପଚାରିଲେ ସେମାନେ କିଛି ଜାଣି ନ ଥିବା କିମ୍ବା କୌଣସି ଚିଠି ଆସି ନ ଥିବା କହିଛନ୍ତି। ଖରାଦିନକୁ ଆଖି ଆଗରେ ରଖି ବ୍ଲକ୍‌ରେ କୌଣସି ଅଘଟଣ ଘଟିବା ଆଗରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତର୍କତା ଅବଲମ୍ବନ କରିବା ଜରୁରୀ ହୋଇପଡ଼ିଛି। ପଞ୍ଚାୟତରେ କ୍ୟାମ୍ପ କରି ରାସନକାର୍ଡରେ ଆନୁଷଙ୍ଗିକ କାଗଜପତ୍ର ସହିତ ମୋବାଇଲ ନମ୍ବର ସଂଯୋଗ କରିବାର ବ୍ୟବସ୍ଥା କରିବାକୁ ବୀଣାପାଣି ନାଏକ, ଜୟକୃଷ୍ଣ ନାଏକ, ଶୈଳବାଳା ପରିଡ଼ା, ପୁଷ୍ପାଞ୍ଜଳି ବେହେରା ପ୍ରମୁଖ ଜିଲା ପ୍ରଶାସନଙ୍କୁ ନିବେଦନ କରିଛନ୍ତି।

# ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ବ୍ୟାଗ ଫେରାଇଲେ ଯୁବକ

ପାଟଣା,୫।୪(ବୀର କିଶୋର ଦାଶ)

ବସ୍‌ରେ ଯିବା ବେଳେ ଭୁଲ ବଶତଃ ବ୍ୟାଗ ଅଦଳ ବଦଳ ହୋଇଯାଇଥିଲା। ପରେ ବ୍ୟାଗରେ ଥିବା ସାର୍ଟିଫିକେଟ ପ୍ରକୃତ ମାଲିକଙ୍କୁ ଫେରାଇଛନ୍ତି ତୁରୁମୁଙ୍ଗାର ଅଶୋକ କୁମାର ସାହୁଙ୍କ ପୁଅ କୁମୁଦ ସାହୁ। ସୂଚନା ଅନୁଯାୟୀ, ତୁରୁମୁଙ୍ଗା ଗ୍ରାମର କୁମୁଦ ସାହୁ ଗୁରୁବାର ଯାଜପୁର ରୋଡ଼ରୁ ବସ ଯୋଗେ କେନ୍ଦୁଝର ଆସୁଥିଲେ। ସେହି ବସ୍‌ରେ ଘଷିପୁରା ଥାନା ଖାଳିଆ ମେଣ୍ଢା ଗ୍ରାମର ରାମ ମାରାଣ୍ଡି ମଧ୍ୟ ଆସୁଥିଲେ। ସେ ଘଷିପୁରାରେ ବସ୍‌ରୁ ଓହ୍ଲାଇବା ସମୟରେ ଭୁଲ ବଶତଃ କୁମୁଦଙ୍କ ବ୍ୟାଗକୁ ନେଇଯାଇଥିଲେ। କୁମୁଦ ଘରେ ପହଞ୍ଚିବା ପରେ ବ୍ୟାଗ ବଦଳ ଜାଣିବା ପରେ ବ୍ୟାଗ ଖୋଲିଥିଲେ ବ୍ୟାଗ ଭିତରେ ସାର୍ଟିଫିକେଟ, ଆଧାରକାର୍ଡ ସହ କିଛି ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଥିବା ଜାଣିବା ପରେ ତୁରୁମୁଙ୍ଗା ଥାନାରେ ଜଣାଇଥିଲେ। ତୁରୁମୁଙ୍ଗା ଥାନା ପକ୍ଷରୁ ଘଷିପୁରା ଥାନାକୁ ଯୋଗାଯୋଗ କରାଯିବା ପରେ ରାମ ମାରାଣ୍ଡି ଶୁକ୍ରବାର ତୁରୁମୁଙ୍ଗା ଥାନାରେ ପହଞ୍ଚି ପୋଲିସ ନିକଟରୁ ବ୍ୟାଗ ନେଇଥିଲେ। ବ୍ୟାଗ ସହ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଫେରି ପାଇଥିବାରୁ ପୋଲିସ ଏବଂ କୁମୁଦଙ୍କୁ କୃତଜ୍ଞତା ଜଣାଇଛନ୍ତି ରାମ।

